## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋିଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ। ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ। ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି। ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ । ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି । ଏହାକୁ ଆପଣ ଗରମ ଗରମ ଖାଇପାରିବେ ।



..... ଖବର .....

# ସ୍ୱାମୀଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା



ସ୍ୱାମୀଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା। କିଛି ଦିନ ତଳେ ତୁଳସୀ ଗଣନାଟ୍ୟ ଯାତ୍ରା ପାର୍ଟି ମାଲିକ ପତ୍ନୀ ସୋନାଲିଙ୍କୁ ଫସାଇ ପାଖରେ ରଖିଥିବା ଅଭିଯୋଗ କରିଥିଲେ ସ୍ୱାମୀ ତଥା ଯାତ୍ରା କଳାକାର ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର। ଏହାକୁ ନେଇ ଅନେକ ବିବାଦ ଦେଖା ଦେଇଥିଲା। ଏବେ ନିଜ ବିରୋଧରେ ହୋଇଥିବା ଅଭିଯୋଗ ଏବଂ ନିଜକୁ ତାଙ୍କ ସ୍ୱାମୀ ବୋଲି ଦାବି କରୁଥିବା ଶ୍ରୀକ୍ଷେତ୍ରଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ସୋନାଲି। ସୋନାଲିଙ୍କ ଅଭିଯୋଗ ଅନୁସାରେ, ସେ ନାବାଳିକା ଥିବା ସମୟରେ ଶ୍ରୀକ୍ଷେତ୍ର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ଏବଂ ସେହି ସମୟରେ ସେ ଏକ ସନ୍ତାନର ମାଆ ମଧ୍ୟ ହୋଇଥିଲେ। ଗତ ୧୦ ବର୍ଷ ହେଲା ଶ୍ରୀକ୍ଷେତ୍ରଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ ଏବଂ ସେ ଅଲଗା ରହୁଛନ୍ତି। ଶ୍ରୀକ୍ଷେତ୍ର ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ସୋନାଲିଙ୍କ ଅଭିଯୋଗ ଆଧାରରେ ଶ୍ରୀକ୍ଷେତ୍ରଙ୍କ ବିରୋଧରେ ଧାରା ୩୭୬ ଓ ପୋକ୍ସୋ ଆଇନ ଅଧୀନରେ ମକଦ୍ଦମା ରୁଜୁ ହୋଇଥିବା ସୋନାଲିଙ୍କ ଓକିଲ ବ୍ୟୋମକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।ସୂଚନାଯୋଗ୍ୟ, ସ୍ୱାମୀ ଓ ପୁଅକୁ ଛାଡ଼ି ତୁଳସୀ ଗଣନାଟ୍ୟ ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳଙ୍କ ପାଖରେ ପତ୍ନୀ ସୋନାଲି ରହୁଛନ୍ତି ବୋଲି ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ଅଭିଯୋଗ କରିଥିଲେ। ତେବେ ଏହି ଅଭିଯୋଗକୁ ତୁଳସୀ ଗଣନାଟ୍ୟ ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ ଓ ଯାତ୍ରା ପାର୍ଟିର ଅଭିନେତ୍ରୀ ସୋନାଲି ସମ୍ପୂର୍ଣ୍ଣ ଖଣ୍ଡନ କରିଥିଲେ। ସୋନାଲିଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ଅଭିଯୋଗ କରିଥିଲେ ଯେ, ତୁଳସୀ ଗଣନାଟ୍ୟ ମାଲିକ ସୋନାଲିଙ୍କୁ ଜୋର୍ ଜବରଦସ୍ତ ତାଙ୍କ ପାଖରେ ରଖିଛନ୍ତି। ସ୍ତ୍ରୀ ସୋନାଲିଙ୍କୁ ତାଙ୍କ ପୁଅକୁ ଭେଟିବା ପାଇଁ ଦେଉ ନାହାନ୍ତି। ପୁଅ, ସ୍ୱାମୀ ଓ ପରିବାର ସୁରକ୍ଷା କାରଣରୁ ସୋନାଲି ମୁହଁ ଖୋଲୁନାହାନ୍ତି ବୋଲି ସେ କହିଥିଲେ। ଅପରପକ୍ଷେ ସୋନାଲି କହିଥିଲେ ଯେ, ଏହି ଘଟଣାରେ କୌଣସି ସତ୍ୟାସତ୍ୟ ନାହିଁ। ତୁଳସୀ ଗଣନାଟ୍ୟ ମାଲିକ ମୋତେ ଝିଅ କରିଛନ୍ତି। ମୋର ଅସୁବିଧା ସମୟରେ ମୋତେ ସାହାଯ୍ୟ କରିଛନ୍ତ। ମୋ ଇଚ୍ଛାରେ ତୁଳସୀ ଗଣନାଟ୍ୟରେ ରହିଛି। ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ କହିଛନ୍ତି ଯେ, ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ତୁଳସୀ ଗଣନାଟ୍ୟରେ କାମ କରୁନଥିଲେ। ସେ ଅନ୍ୟ ଏକ ଝିଅକୁ ବିବାହ କରିଛନ୍ତି। ତାଙ୍କ ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ ।

## ଦୈନିକ ପିଅନ୍ତୁ ୧ କପ୍ କଫି

ଅଧିକାଂଶ ଭାରତୀୟଙ୍କର ଚା ପିଇବାର ଅଭ୍ୟାସ ରହିଛି। ମାତ୍ର ଆପଣ ଜାଣନ୍ତି କି ଚା ଅପେକ୍ଷା କଫି ପିଇବା ଶରୀର ପକ୍ଷେ ବେଶି ଭଲ ହୋଇଥାଏ ? ଯଦି ଆପଣଙ୍କର ଚା ଅଭ୍ୟାସ ରହିଛି ଆପଣ ତା ପରିବର୍ତ୍ତେ ସେହି ସମୟରେ କଫି ପିଇପାରିବେ।

: କଫି ପିଇବା ଦ୍ୱାରା ଶରୀର ସକ୍ରିୟ ରହିଥାଏ। ଅଧିକ କାମ କରିବା ପାଇଁ ଶକ୍ତି ମିଳିଥାଏ। ଆପଣ ଏକ କାର୍ଯ୍ୟ କରିବା ପାଇଁ ଯେତିକି କ୍ଷମ ହୋଇଥିବେ କଫି ପିଇବା ଦ୍ୱାରା ତାହା ପ୍ରାୟ ୧୧ରୁ ୧୨ ପ୍ରତିଶତ ବୃଦ୍ଧି ପାଇଥାଏ।

: କଫି ପିଇବା ଦ୍ୱାରା ଶରୀରର ଓଜନ ହ୍ରାସ କରାଯାଇ ପାରେ। କଫିରେ ପ୍ରଚୁର ପରିମାଣ ମ୍ୟାଗ୍ନେସିୟମ୍ ଓ ପଟାସିୟମ ରହିଛି। ଏହା ଶରୀରରେ ଶର୍କରା ଭାଗକୁ ନିୟନ୍ତ୍ରଣରେ ରଖେ।

କଫିରେ ଥିବା କଫିନ୍ ଶରୀରରୁ ଫ୍ୟାଟ୍ ଦୂର କରିବା ସହ ବ୍ୟକ୍ତିକୁ ସୁସ୍ଥ ରଖିଥାଏ।

: କଫି ପିଇବା ଦ୍ୱାରା କର୍କଟ ରୋଗ ହେବାର ସମ୍ଭାବନା କମ୍ ରହିଥାଏୟ ମହିଳାଙ୍କ କ୍ଷେତ୍ରରେ ୨୫ ପ୍ରତିଶତ ଓ ପୁରୁଷଙ୍କ କ୍ଷେତ୍ରରେ ୨୦ ପ୍ରତିଶତ କର୍କଟ ସମ୍ଭାବନା ହ୍ରାସ ପାଇଥାଏ।

: ମଧୁମେହ ରୋଗୀମାନଙ୍କ ପାଇଁ ବି କଫି ଖୁବ୍ ଭଲ ହୋଇଥାଏ। ମଧୁମେହ ରୋଗୀମାନେ ଦେନିକ ବିନା ଚିନିରେ କଫି ପିଇଲେ ଭଲ।

: ମସ୍ତିଷ୍କ ପାଇଁ ମଧ କଫି ଖୁବ୍ ଉପକାରୀ। କଫି ପିଇବା ଦ୍ୱାରା ମାନସିକ ରୋଗର ସମ୍ଭାବନା କମ୍ ରହିଥାଏ।



## ଖାଲି ସୁନା ନୁହେଁ ଅକ୍ଷୟ ତୃତୀୟାରେ କିଣି ଆଣନ୍ତୁ ଏହି ଜିନିଷ

ଅକ୍ଷୟ ତୃତୀୟାର ପବିତ୍ର ପର୍ବ ଚଳିତ ବର୍ଷ ୩୦ ଏପ୍ରିଲରେ ପାଳନ କରାଯିବ। ଏହି ଦିନ ଅଧିକାଂଶ ଲୋକେ ସୁନା କିଣି ଥାନ୍ତି । ମାତ୍ର ସଭିଏଁ ସୁନା କିଣିବା ସମ୍ଭବପର ନୁହେଁ। ତେବେ ଅକ୍ଷୟ ତୃତୀୟାରେ କେବଳ ସୁନା ନୁହେଁ ବରଂ ଏପରି କେତେକ ଜିନିଷ ରହିଛି, ଯାହାକୁ କିଣିଲେ ମା'ଲକ୍ଷ୍ମୀଙ୍କ କୃପା ସର୍ବଦା ମିଳିବା ସହ ଧନ ସମ୍ପତ୍ତି ମଧ୍ୟ ବୃଦ୍ଧି ହେବ।

ରୁପା- ଏହି ଦିନ ରୁପାର ଜିନିଷ କିମ୍ବା ରୁପା ବାସନ ମଧ କିଣିପାରିବେ । ଏହାଦ୍ୱାରା ମା'ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ।

ଲୁଣ- ଏହି ଦିନ ଲୁଣ ମଧ କିଣି ପାରିବେ । ଲୁଣ ଚନ୍ଦ୍ରଙ୍କ ସହ ଜଡିତ ବୋଲି କୁହାଯାଏ । ଏହି ଦିନ ଲୁଣ କିଣିବା ଦ୍ୱାରା ଧନସମ୍ପତ୍ତି ବୃଦ୍ଧି ହୋଇଥାଏ ।

ମାଟିପାତ୍ର- ଏହି ଦିନ ମାଟି ପାତ୍ର ମଧ କିଣି ପାରିବେ । ମାଟିଦୀପ କିଣିପାରିବେ । ଏହାଦ୍ୱାରା ପରିବାର ସଦସ୍ୟଙ୍କର ଉନ୍ନତି ହୋଇଥାଏ ।ଏହି ଦିନ ଯଅ କିମ୍ବା ହଳଦିଆ ସୋରିଷ ମଧ କିଣିପାରିବେ । ସୁନା-ରୁପା କିଣିବା ସହ ଏହି ଜିନିଷ କିଣିବା ସମାନ ବୋଲି ମାନ୍ୟତା ରହିଛି ।କଉଡି- ଏହି ଦିନ କଉଡି ମଧ କିଣି ପାରିବେ । ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହେବା ସହ ଧନର ଅଭାବ ଦୂର ହୋଇଥାଏ ।

ବାସନ- ଅକ୍ଷୟ ତୃତୀୟାରେ ପିତ୍ତଳ ବାସନ ମଧ କିଣିପାରିବେ। ଏହାଦ୍ୱାରା ମଧ ଧନ ସମ୍ପତ୍ତି ବୃଦ୍ଧି ହୋଇଥାଏ ।



# ଘରେ କିପରି ରଖିବେ ଲଡୁଗୋପାଳଙ୍କୁ



ଭଗବାନ ଲଡୁଗୋପାଳଙ୍କ ମହିମା ସମସ୍ତଙ୍କୁ ଜଣା। ତେବେ ଯଦି ଘରେ ଲଡୁ ଗୋପାଳଙ୍କୁ ରଖିଛନ୍ତି ବିଧି ଅନୁଯାୟୀ ତାଙ୍କର ପୂଜାର୍ଚ୍ଚନା କରନ୍ତୁ। ଲଡୁ ଗୋପାଳ ଯେଉଁଘରେ ରହିଥାନ୍ତି, ସେହି ଘରକୁ ନିଜ ଘର ବୋଲି ମନେ କରିଥାନ୍ତି। ଘରର ସଦସ୍ୟମାନଙ୍କୁ ନିଜର ବୋଲି ଭାବିଥାନ୍ତି। ଭଗବାନ ଲଡୁ ଗୋପାଳ ନିଜକୁ ପରିବାରର ଜଣେ ସଦସ୍ୟ ଭାବେ ନିଜକୁ ମନେ କରନ୍ତି। ସର୍ବଦା ଶୁଦ୍ଧ କ୍ଷୀରରେ ତାଙ୍କୁ ସ୍ନାନ କରାଇ ସ୍ୱଚ୍ଛ ବସ୍ତ୍ର ପରିଧାନ କରାନ୍ତୁ। ଲଡୁଗୋପାଳଙ୍କୁ ସର୍ବଦା ଝୁଲଣାରେ ଅବସ୍ଥାପିତ କରନ୍ତୁ। ଘରକୁ ଯେକୌଣସି ମିଷ୍ଟାନ୍ନ ଆଣିଲେ ପ୍ରଥମେ ଲଡୁ ଗୋପାଳଙ୍କୁ ଅର୍ପଣ କରନ୍ତୁ। ଘରେ ଥିବା ଲଡୁ ଗୋପାଳଙ୍କର ଏକ ଭିନ୍ନ ନାମ ଦିଅନ୍ତୁ। ତାଙ୍କ ସହିତ ସର୍ବଦା ପ୍ରେମଭକ୍ତି ସହକାରେ କଥାବାର୍ତ୍ତା କରନ୍ତୁ। ପ୍ରେମର ସହ ତାଙ୍କୁ ଭୋଜନ କରାନ୍ତୁ। ପ୍ରତିଦିନ ରାତିରେ ଲଡୁ ଗୋପାଳଙ୍କୁ ଶୟନ କରାନ୍ତୁ। ପ୍ରତିଦିନ ପ୍ରାତଃ ସମୟରେ ପ୍ରେମର ସହ ତାଙ୍କୁ ଜାଗ୍ରତ କରାନ୍ତୁ। ଲଡୁ ଗୋପାଳ କୌଣସି ଘରେ ପ୍ରବେଶ କରାଇବା ବେଳେ ତାଙ୍କ ମଧ୍ୟରେ ପ୍ରାଣ ପ୍ରତିଷ୍ଠା ହୋଇ ଯାଇଥାଏ। ତେଣୁ ତାଙ୍କୁ ଏକ ପ୍ରତୀମା ସ୍ୱରୁପ ନ ମାନି ପରିବାର ସଦସ୍ୟ ଭାବି ଯଥାବିଧି ପୂଜାର୍ଚ୍ଚନା କରନ୍ତୁ ଏବଂ ଲଡୁ ଗୋପାଳଙ୍କ ଆଶୀର୍ବାଦ ଲାଭ କରନ୍ତୁ।



## ରୂପା ବାସନରେ ଖାଦ୍ୟ ଖାଇଲେ ବୃଦ୍ଧି ହୋଇଥାଏ ରୋଗ ପ୍ରତିରୋଧକ ଶକ୍ତି

ରୂପାର ବାସନ ସର୍ବଦା ଜୀବାଣୁ ମୁକ୍ତ ଓ ଏଥିରେ ଖାଦ୍ୟ ଖାଇବା ଦ୍ୱାରା ଶରୀର ପାଇଁ ଖୁବ ଲାଭଦାୟକ। ରୂପାର ଗୁଣ ଶୀତଳତା ପ୍ରଦାନ କରିବ। ଏଥିରେ ଖାଦ୍ୟ ଖାଇବା ଦ୍ୱାରା ଶରୀରକୁ ଶୀତଳତା ମିଳିଥାଏ। ପୁରୁଣା କାଳରେ ଲୋକେ ଖାଦ୍ୟପେୟ ପାଇଁ ଏହି ବାସନର ଅଧିକ ବ୍ୟବହାର କରୁଥିଲେ। ଜାଣନ୍ତୁ ଏହା ବିଷୟରେ ..



- ■ ଏହି ବାସନରେ ଖାଦ୍ୟ ଖାଇବା ଦ୍ୱାରା ଉଭୟ ଶାରୀରିକ ଓ ମାନସିକ ବିକାଶ ହୋଇଥାଏ।
- ■ ରୂପାର ବାସନରେ ଖାଦ୍ୟ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ କ୍ଷମତା ବଢ଼ିଥାଏ।
- ■ ରୂପାର ଗ୍ଲାସରେ ପାଣି ପିଇବା ଦ୍ୱାରା ପିଲାଙ୍କ ଥଣ୍ଡା ଜନିତ ଓ ପିତ୍ତ ସମସ୍ୟା ମଧ୍ୟ ଦୂର ହୋଇଥାଏ।
- ■ ରୂପାର ପାତ୍ରରେ ଯେକୌଣସି ପାନୀୟ ପିଇବା ଖୁବ ହିତକାରକ। ଏପରି କରିବା ଦ୍ୱାରା ପାନୀୟ ଦ୍ରବ୍ୟର - କୌଣସି କୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିନଥାଏ।
- ■ ଏହା ଏକ ପ୍ରକାର ଛଣା ଯନ୍ତ୍ର ଭଳି କାର୍ଯ୍ୟ କରିଥାଏ।
- ■ ରୂପାର ବାସନରେ ଖାଦ୍ୟ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବୃଦ୍ଧି ପାଇଥାଏ।
- ■ ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ।

# ଗ୍ରୀଷ୍ମପ୍ରବାହର ଆକ୍ରାନ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଶଯ୍ୟା ନିର୍ଦ୍ଦେଶ

**ଭୁବନେଶ୍ୱର,୨୯।୪ (ମହାଭାରତ):** ଆଗାମୀ ଗ୍ରୀଷ୍ମ ପ୍ରବାହ ଓ କ୍ରମାଗତ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜନସାଧାରଣଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି ସହିତ ବ୍ୟାପକ ଜନସଚେତନତାକୁ ପ୍ରାଧାନ୍ୟ ଦିଆଯାଉଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶକ୍ରମେ ଗ୍ରୀଷ୍ମ ପ୍ରବାହ ସମୟରେ ଜନଜୀବନର ସୁରକ୍ଷା ପାଇଁ ଆବଶ୍ୟକ ତ୍ୱରିତ ପଦକ୍ଷେପ, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକ ସ୍ୱାସ୍ଥ୍ୟ ସାମଗ୍ରୀର ସଂରକ୍ଷଣ ତାସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ (ଡିପିଏଚ୍) ଡା. ନୀଳକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସ୍ଥାନୀୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ଅନୁଷ୍ଠିତ ହୋଇଯାଇଛି।

ଅତ୍ୟଧିକ ଗରମର ଜନସ୍ୱାସ୍ଥ୍ୟ ପ୍ରଭାବକୁ ସୁପରିଚାଳନା କରିବା ପାଇଁ ଏକ ବ୍ୟାପକ ଆଭିମୁଖ୍ୟର ଆବଶ୍ୟକତା ଉପରେ ଡା. ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ ହ୍ରାସ କରିବା ପାଇଁ ଇଂଟ୍ରାଭେନସ୍ ଫ୍ଲୁଇଡ୍, ଓରାଲ୍ ରିହାଇଡ୍ରେସନ୍ ସଲ୍ୟୁସନ୍ (ଓଆରଏସ୍), ଆବଶ୍ୟକୀୟ ଔଷଧ, ଏୟାର କୁଲର / ଶୀତତାପ ନିୟନ୍ତ୍ରିତ କକ୍ଷ ଏବଂ ସର୍ବୋପରି ପାୱାର ବ୍ୟାକଅପ୍ ସିଷ୍ଟମ୍ ଭଳି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାର ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ସ୍ୱାସ୍ଥ୍ୟ ବିଭାଗ ଯଥେଷ୍ଟ ପ୍ରଯତ୍ନଶୀଳ। ଏହାବ୍ୟତୀତ ଗ୍ରୀଷ୍ମପ୍ରବାହର ଆକ୍ରାନ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଶଯ୍ୟା ପ୍ରସ୍ତୁତ କରି ରଖିବା ସହ ଚିକିତ୍ସାର ସମସ୍ତ ସୁବିଧା ସୁନିଶ୍ଚିତ କରିବାକୁ ସମସ୍ତ ୩୦ଟି ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଗୁରୁତ୍ୱର ସହ ନେଇ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିଛି ବିଭାଗ । ଏହି ପ୍ରଶିକ୍ଷଣକୁ ତୃଣମୂଳସ୍ତର ଯାଏଁ ସମ୍ପ୍ରସାରିତ କରାଯାଉଛି ଯାହା ଫଳରେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଗ୍ରୀଷ୍ମଜନିତ ସ୍ୱାସ୍ଥ୍ୟ ସମସ୍ୟାର ତ୍ୱରିତ ଏବଂ ପ୍ରଭାବଶାଳୀ ଚିକିତ୍ସା ଜନସାଧାରଣଙ୍କୁ ଦେଇପାରିବେ ବୋଲି ଡା. ମିଶ୍ର ଆଶାବ୍ୟକ୍ତ କରିଛନ୍ତି। ଅତ୍ୟଧିକ ଗରମ ପରିଲକ୍ଷିତ ହେଉଥିବା ଅଞ୍ଚଳ ବିଶେଷ କରି ଖଣିଖାଦାନ ଥିବା ଅଞ୍ଚଳର ଜନସାଧାରଣଙ୍କୁ ଅତିରିକ୍ତ ସମ୍ବଳ ଏବଂ ସୁରକ୍ଷା ଯୋଗାଇ ଦେଇ, ସେହି ସ୍ଥାନଗୁଡିକରେ ବିଶେଷ ଧ୍ୟାନ ଦେବାପାଇଁ ପରାମର୍ଶ ଦିଆଯାଇଛି । ଏହା ସହିତ ଗ୍ରୀଷ୍ମ ପ୍ରବାହ ସମୟର ସମ୍ବେଦନତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କୁ ବ୍ୟବହାରିକ ପରାମର୍ଶ ପ୍ରଦାନ କରିବା ପାଇଁ ସାରା ରାଜ୍ୟରେ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇ.ଇ.ସି) ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟ ପ୍ରଶାସନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅତୀତର ଅନୁଭୂତିରୁ ଶିକ୍ଷାଲାଭ କରି ସମସ୍ତ ପ୍ରସ୍ତୁତିକୁ ଠିକ୍ ସମୟରେ ଏବଂ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା ଉପରେ ଡା. ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଗ୍ରୀଷ୍ମ ପ୍ରବାହର ଆହ୍ୱାନର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ଅଛୁ। ସ୍ୱାସ୍ଥ୍ୟକର୍ମୀ, ଜିଲ୍ଲା ଅଧିକାରୀ ଏବଂ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଆମେ ଠିକ୍ ସମୟରେ ଚିକିତ୍ସା ସହାୟତା ଯୋଗାଇଦେବା, ସଚେତନତା ସୃଷ୍ଟି କରିବା ଏବଂ ଅତ୍ୟଧିକ ଗରମର ପ୍ରଭାବକୁ ହ୍ରାସ କରିବା ପାଇଁ ସମସ୍ତ ଆବଶ୍ୟକ ଭିତିଭୂମି ଏବଂ ସମ୍ବଳ ଉପଲବ୍ଧ କରାଇବ।

# ଶବ ପରିବହନ ପାଇଁ ସ୍ୱତନ୍ତ୍ର କଲ ସେଣ୍ଟର

**ଭୁବନେଶ୍ୱର,୨୯।୪ (ମହାଭାରତ):** ରାଜ୍ୟ ସରକାର ସୁବିଧାରେ ଶବ ପରିବହନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏଥି ପାଇଁ ସରକାର କଲ ସେଣ୍ଟର ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। କଲ ସେଣ୍ଟର ମାଧ୍ୟମରେ ରୋଗୀ ପରିବାର ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରି ମୃତଦେହକୁ ଠିକ୍ ସମୟରେ ଏବଂ ସୁବିଧାରେ ନିର୍ଦ୍ଧାରିତ ସ୍ଥାନକୁ ପହଞ୍ଚା ଯାଇ ପାରିବ। ଏଥି ପାଇଁ ୧୦୮ ଆମ୍ବୁଲାନ୍ସ ଭଳି ରହିବ ସ୍ୱତନ୍ତ୍ର ଟୋଲ ଫ୍ରି ନମ୍ବର ପରିଚାଳିତ ହେବ। ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ପ୍ରାରମ୍ଭିକ ଆଲୋଚନା ହୋଇଛି। ସରକାରୀ ଡାକ୍ତରଖାନାରେ ମୃତ୍ୟୁ ହେଉଥିବା ବ୍ୟକ୍ତିଙ୍କ ଶବକୁ ସେମାନଙ୍କର ଘର କିମ୍ବା ଶ୍ମଶାନ ଯାଏଁ ପରିବହନ ପାଇଁ ଏହି କଲ ସେଣ୍ଟର କାମ କରିବ।

# ସମୟ ଅନୁଯାୟୀ ନିଜକୁ ବିକଶିତ କରାଯିବା ଉଚିତ୍



**ଭୁବନେଶ୍ୱର,୨୯।୪ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବରେ ଡ଼ଃ ସଜ୍ଜନ ଯାଦବଙ୍କ ଦ୍ୱାରା ଲିଖିତ 'ଲକ୍ଷ୍ୟ ୟୁପିଏସସି : ଯୁବା ଆଇଏଏସ୍ ଅଧିକାରୀଙ୍କ ପ୍ରେରଣାଦାୟୀ କାହାଣୀ' ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଶ୍ରୀ ପ୍ରଧାନ ଲେଖକ ଡ଼ଃ ଯାଦବଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଁ ପରୀକ୍ଷାର୍ଥୀମାନଙ୍କର ଅଧିକ ପରିଶ୍ରମ ଓ ସଂକଳ୍ପଶକ୍ତିକୁ ଦର୍ଶାଉଥିବା ଏହି ପୁସ୍ତକ, ପ୍ରଶାସନିକ ସେବା କରିବାକୁ ଚାହୁଁଥିବା ଅଗଣିତ ଯୁବବର୍ଗଙ୍କ ପାଇଁ ଏକ ପ୍ରେରଣାର ସ୍ରୋତ ହେବ। ଏହି ପୁସ୍ତକ ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବ୍ୟକ୍ତିଙ୍କ ପାଇଁ ନିଶ୍ଚିତ ଭାବେ ଏକ ଉପଯୋଗୀ ଓ ପ୍ରେରଣାଦାୟୀ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଥିଲେ। ସେ ଆହୁରି କହିଥିଲେ ଯେ ଗଣତନ୍ତ୍ରରେ ଅଧିକାରଗୁଡିକର ଯେତିକି ଦାୟିତ୍ୱ ଅଛି, କର୍ତ୍ତବ୍ୟର ମଧ୍ୟ ସେତିକି ମହତ୍ତ୍ୱ ଅଛି । ବଦଳୁଥିବା ସମୟ ସହିତ, ଆମର କର୍ତ୍ତବ୍ୟ ଏବଂ ଆକାଂକ୍ଷାଗୁଡ଼ିକର ସ୍ୱରୂପ ମଧ୍ୟ ବଦଳୁଛି। ସର୍ଦ୍ଦାର ପଟେଲ ସିଭିଲ ସେବାକୁ ଭାରତର ଷ୍ଟିଲ୍ ଫ୍ରେମ୍ ବୋଲି ଅଭିହିତ କରିଥିଲେ। ଆଜି, ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଯେତେବେଳେ ଷ୍ଟିଲକୁ ଅଧିକ ଶକ୍ତିଶାଳୀ କରାଯାଉଛି।

# ମନଇଚ୍ଛା ଲାଗିପାରିବନି ଜାତୀୟ ଚିହ୍ନ

**ଭୁବନେଶ୍ୱର,୨୯।୪ (ମହାଭାରତ):** ରାଜ୍ୟରେ କୌଣସି ବ୍ୟକ୍ତିବିଶେଷ, ବ୍ୟବସାୟ ପ୍ରତିଷ୍ଠାନ କିମ୍ବା ଅନୁଷ୍ଠାନ ପକ୍ଷରୁ ଜାତୀୟ ଚିହ୍ନ(ଅଶୋକସ୍ତମ୍ଭ)କୁ ମନଇଚ୍ଛା ବ୍ୟବହାର କରାଯାଇପାରିବ ନାହିଁ। ଯଦି କୌଣସି ଠାରେ ଏହାର ଅପବ୍ୟବହାର କରାଯାଉଥିବ ତେବେ ସେଠାରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭାରତର ଜାତୀୟ ଚିହ୍ନ ଆଇନ-୨୦୦୫ ଏବଂ ନିୟମ-୨୦୦୭ ଓ ସଂଶୋଧନ ଆଇନ-୨୦୧୦ ଅନୁଯାୟୀ ଜାତୀୟ ଚିହ୍ନ ସରକାରୀସ୍ତରରେ ବ୍ୟବହାର ହୋଇପାରିବ। ଏହି ମର୍ମରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଯୁଗ୍ମସଚିବ ଜି. ପାର୍ଥସାରଥି ମୁଖ୍ୟଶାସନ ସଚିବଙ୍କୁ ଅବଗତ କରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ରାଜ୍ୟ ସରକାରଙ୍କ ଗୃହବିଭାଗ ଯୁଗ୍ମସଚିବ ଶରତ ଚନ୍ଦ୍ର ମାରାଣ୍ଡି ୨୯ ମାର୍ଚ୍ଚରେ ସବୁ ଆରଡିସି ଓ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଥିବାବେଳେ ଚଳିତମାସ ୧୭ରେ ଜଳସମ୍ପଦ ବିଭାଗ ପକ୍ଷରୁ ଅଧସ୍ତନ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମସଚିବ ପାର୍ଥସାରଥି ପତ୍ରରେ ଦର୍ଶାଇଥିଲେ, ଭାରତର ଜାତୀୟ ଚିହ୍ନ ତିନୋଟି ଅଶୋକସ୍ତମ୍ଭ ସହିତ ଅଶୋକଚକ୍ର ଓ ସତ୍ୟମେବ ଜୟତେ(ଦେବନାଗରୀ ଭାଷା) ନିର୍ଦ୍ଦିଷ୍ଟ ଭାବେ ସରକାରଙ୍କ ନିୟମ ଅନୁଯାୟୀ ରହିବା କଥା, ହେଲେ କେତେଜଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏହାର ଉଲ୍ଲଂଘନ କରୁଥିବା ନଜରକୁ ଆସିଛି। କେତେକ ସ୍ଥାନରେ ଅଶୋକସ୍ତମ୍ଭ ତଳେ ସତ୍ୟମେବ ଜୟତେ ଦେବନାଗରୀ ଭାଷାରେ ଉଲ୍ଲେଖ ରହୁନାହିଁ, ଯାହାକି ଜାତୀୟ ଚିହ୍ନ ପ୍ରତି ଅବମାନନା ହେଉଛି। ଏନେଇ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ନିୟମକୁ ଠିକଣା ଭାବେ ପାଳନ କରିବା ଲାଗି ସେ ଦର୍ଶାଇଛନ୍ତି।

# ମେ'୧ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଭିତରକନିକା ବନ୍ଦ




**ଭୁବନେଶ୍ୱର,୨୯।୪ (ମହାଭାରତ):** ଲୁଣି କୁମ୍ଭୀରଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରଜନନ ଋତୁ ଯୋଗୁ ମେ'୧ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ;କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ସୋମବାର ଦିନ ସହକାରୀ ମୁଖ୍ୟ ବନ ସଂରକ୍ଷକ (ଏସିଏଫ) ମାନସ ଦାସ ଏନେଇ ସୂଚନା ପ୍ରଦାନ କରିଛନ୍ତି। ଏହି ବନ୍ଦର ଉଦ୍ଦେଶ୍ୟ ହେଉଛି ସରୀସୃପଙ୍କ ବସା ବାନ୍ଧିବା ଏବଂ ପ୍ରଜନନ ଋତୁ ସମୟରେ ସେମାନଙ୍କ ପ୍ରତି ହେଉଥିବା ବାଧାକୁ ରୋକିବା। ଜାନୁଆରୀ ୨୦୨୫ ସୁଦ୍ଧା, ଭିତରକନିକା ଜାତୀୟ ଉଦ୍ୟାନରେ ୧୮୨୬ଟି ଲୁଣାପାଣି କୁମ୍ଭୀର ଅଛନ୍ତି। ପ୍ରଜନନ ସ୍ଥଳକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ କଠୋର ପଦକ୍ଷେପ ଗ୍ରହଣ କରିଛି। ବନରକ୍ଷୀମାନେ ପ୍ରତି ବସା ପାଇଁ ୫୦ ରୁ ୬୦ ଟି ଅଣ୍ଡା ଦେଉଥିବା ମା'କୁମ୍ଭୀରମାନଙ୍କ ଉପରେ ନଜର ରଖିବେ ଏବଂ ସେମାନଙ୍କ ଅଣ୍ଡା ଫୁଟିବା ପର୍ଯ୍ୟନ୍ତ ସେମାନଙ୍କୁ ସତର୍କତାର ସହ ଜଗିବେ। ଏହା ସହିତ, ଏହି ସମୟ ମଧ୍ୟରେ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ପାର୍କ ଭିତରକୁ ପ୍ରବେଶ କରିବାକୁ ବାରଣ କରାଯାଇଛି। ମହୁ ସଂଗ୍ରହ ଏବଂ କାଠ ସଂଗ୍ରହ ଭଳି କାର୍ଯ୍ୟକଳାପ ଅଣ୍ଡାକୁ ଜଗିଥିବା ମା' କୁମ୍ଭୀରମାନଙ୍କୁ ଉତ୍ତେଜିତ କରିପାରେ। ଏହା ବ୍ୟତୀତ, ପ୍ରଜନନ ସମୟରେ ସରୀସୃପଙ୍କ ପ୍ରତି କୌଣସି ବାଧାକୁ କମ କରିବା ପାଇଁ ଯାନ୍ତ୍ରିକ ଡଙ୍ଗା ପରିଚାଳନା ଉପରେ ଏହି ପ୍ରତିବନ୍ଧକ ଲଗାଯାଇଛି।

# ଚେନ୍ ଲୁଟେରା ଗିରଫ

**ଭୁବନେଶ୍ୱର,୨୯।୪ (ମହାଭାରତ):** ରାଜଧାନୀରେ କୁଖ୍ୟାତ ଚେନ୍ ସ୍ନାଚର୍ ଗିରଫ ହୋଇଛି। କୁଖ୍ୟାତ ଅପରାଧୀ ସାଦିକୁଲ୍ ଇସଲାମକୁ ଗିରଫ କରିଛି ଖାରବେଳନଗର ପୋଲିସ। ପୋଲିସକୁ ଚକମା ଦେଇ ଖସିଯିବାକୁ ଉଦ୍ୟମ କରିଥିଲା ବେଳେ ଏନକାଉଣ୍ଟର କରିବାକୁ ପ୍ରସ୍ତୁତ ଥିଲା ପୋଲିସ। ଏନକାଉଣ୍ଟର ଭୟରେ ଆତ୍ମସମର୍ପଣ କରିଛି ସାଦୀକୁଲ। ଗତ ୨୨ ତାରିଖରେ ୟୁନିଟ୍-୩ ଅଞ୍ଚଳରୁ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇଥିଲା ଅଭିଯୁକ୍ତ। ଏନେଇ ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଥିଲା ପୋଲିସ। ଗତ ୨୨ ତାରିଖ ସନ୍ଧ୍ୟାରେ ଅଭିଯୋଗକାରିଣୀ ଅର୍ଚ୍ଚନା ସାହୁ ୟୁନିଟ୍-୩ର ଖଣ୍ଡିଅ। ପାର୍କ ଆଡକୁ ବୁଲିବାକୁ ଯାଉଥିବା ସମୟରେ, ଅଭିଯୁକ୍ତ ସାମ୍ନା ପାର୍ଶ୍ୱରୁ କଳା ହେଲମେଟ୍ ସହ ନମ୍ବର ପ୍ଲେଟ୍ ନଥିବା ଏକ ଲାଲ ରଙ୍ଗର ହୋଣ୍ଡା ଆକ୍ଟିଭା ସ୍କୁଟିରେ ଆସି ଝାମ୍ପିନେଇଥିଲା ୧୨ ଗ୍ରାମ ଓଜନର ସୁନା ଚେନ୍। ଏନେଇ ଖାରବେଳନଗର ଥାନାରେ ଲିଖିତ ଅଭିଯୋଗ ପରେ ଜଣାପଡିଥିଲା ଅଭିଯୁକ୍ତର କାରନାମା। ମସଜିଦ୍ କଲୋନିର ଜଣେ ବ୍ୟକ୍ତିଙ୍କୁ ଛିନତାଇ କରିଥିବା ସୁନା ଚେନକୁ ଅତି କମ ମୂଲ୍ୟରେ ବିକ୍ରୟ କରୁଥିବା ଖବର ପାଇଥିଲା ପୋଲିସ।

# ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ




**ଭୁବନେଶ୍ୱର,୨୯।୪ (ମହାଭାରତ):** କାଳଜୟୀ ସ୍ରଷ୍ଟା, ଗଣ ହୃଦୟର କବି ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଗଣକବି ବୈଷ୍ଣବ ପାଣିଙ୍କ ଗୁଣାବଳି ବର୍ଣ୍ଣନା କରି ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି କହିଥିଲେ ଯେ, ଗଣକବି ମୂଲ୍ୟବୃଦ୍ଧି ଓ ନିଶା ନିବାରଣ ଭଳି ବହୁ ସମସ୍ୟା ଉପରେ ସଚେତନ କରିବା ପାଇଁ କବିତା ଲେଖୁଥିଲେ । ମାଲ୍ୟାର୍ପଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସଂପାଦକ ଅକ୍ଷୟ କୁମାର ଜେଠୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ବାସନ୍ତି ତ୍ରିପାଠୀ , ଅନୁପମା ବେହେରା, ରାମ ଚନ୍ଦ୍ର ସାମଲ, ସୁରଜିତ ପରିଡା, ରମେଶ ଚନ୍ଦ୍ର ପାତାଲସିଂ ଓ ଶିବାନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# କଂଗ୍ରେସର ସମ୍ବିଧାନ ବଞ୍ଚାଅ ଯାତ୍ରା

**ଭୁବନେଶ୍ୱର,୨୯।୪ (ମହାଭାରତ):** ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ରାଜମହଲଛକ ଠାରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ସମ୍ବିଧାନ ବଞ୍ଚାଅ ଯାତ୍ରା କରାଯାଇଥିଲା। ଏହାପରେ ମାଷ୍ଟରକ୍ୟାଣ୍ଟିନ ଛକରେ ଶ୍ରୀ ଦାସଙ୍କ ନେତୃତ୍ୱରେ ସମ୍ବିଧାନ ବଞ୍ଚାଅ ସମାବେଶ ଆୟୋଜିତ ହୋଇଥିଲା। ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ ଦେଶର ସମ୍ବିଧାନ ଆଜି ସଙ୍କଟରେ। ସମ୍ବିଧାନର ସୁରକ୍ଷା ପାଇଁ ଲଢ଼େଇ କରିବା ପ୍ରତ୍ୟେକ ରାଜନୈତିକ ଦଳର କର୍ତ୍ତବ୍ୟ ତଥା ସାଧାରଣ ଜନତାଙ୍କର ମଧ୍ୟ କର୍ତ୍ତବ୍ୟ। ମୋଦି ସରକାର ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକର ଦୁରୂପଯୋଗ କରୁଛନ୍ତି।




ସମ୍ବିଧାନ ସଶକ୍ତ ହେଲେ ଆମ ଗଣତନ୍ତ୍ର ସଶକ୍ତ ହେବ ଏବଂ ଆମ ଅଧିକାର ସୁରକ୍ଷିତ ରହିବ। ଏହି ଦୀର୍ଘ ୧୨ ମଧ୍ୟ ମଧ୍ୟରେ ଭାରତ ବର୍ଷର ବିଜେପି ସରକାର ଏବଂ ବିଜେପି ଦଳ ଭାରତ ବର୍ଷର ସମ୍ବିଧାନକୁ ବିକୃତ କରିଚାଲିଛନ୍ତି। ବିଜେପି ଓ ଆରଏସଏସର ବିଚାରଧାରାରେ ସମ୍ବିଧାନକୁ ବଦଳେଇବା ପାଇଁ ନିଷ୍ପତ୍ତି ନିଆଯାଉଛି। ଘୃଣା, ହିଂସା, ଭେଦଭାବ ସୃଷ୍ଟକରି ଭାଇଚାରାକୁ ନଷ୍ଟ କରାଯାଉଛି। ଏହାଦ୍ୱାରା ଦେଶରେ ଥିବା ବିଭିଦତା ଭିତରେ ଐକ୍ୟତା ଓ ଜାତୀୟ ସଂହତି ନଷ୍ଟ ହେଉଛି। ଏଥିପାଇଁ ଆମ ସମସ୍ତଙ୍କୁ ସତର୍କ ରହିବା ସହିତ ଭାରତ ବର୍ଷର ସାଧାରଣ ଜନତାକୁ ଏଭଳି ପରସ୍ଥିତି ପାଇଁ ସଚେତନ କରିବାକୁ ପଡ଼ିବ। କେନ୍ଦ୍ର ବିଜେପି ସରକାର ଶାସନ କାଳ ସମୟରେ ନିର୍ବାଚନ ଆୟୋଗ ନିଜର ଗାରିମା ସଂପୂର୍ଣ୍ଣଭାବରେ ନଷ୍ଟ କରି ଦେଇସାରିଛି। ନିର୍ବାଚନ ଆୟେଗ ଆଜି ବିଜେପିର ଖେଳନା ସାଜିଛି। ଗଣଙ୍କ ନିଷ୍ପତିକୁ ଗୌଣ କରି ଦିଆଯାଉଛି। ନ୍ୟାୟାଳୟ ଆଉ ନିରପେକ୍ଷ ନାହିଁ। ବିରୋଧି ଦଳର ନେତା ବର୍ଗଙ୍କୁ ଇ.ଡ଼ି., ସିବିଆଇ, ଆଇଟି, ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ମିଛ ମାମଲା ଦାୟର କରି ଭୟଭୀତ କରାଯାଉଛି। ଫଳ ସ୍ୱରୂପ ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମୁହଁ ଖୋଲିବାକୁ ନିର୍ବାଚିତ ପ୍ରତିନିଧିମାନେ ଭୟ କରୁଛନ୍ତି। ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଲେ ଯେ ଦେଶରେ ବିଜେପି ସରକାର ଏକ ନୂଆ ସମ୍ବିଧାନ ପ୍ରଣୟନ ପାଇଁ ଅପଚେଷ୍ଟା କରୁଛି। ଦୁର୍ନୀତି ବିଜେପିର ନୀତି ହୋଇଛି। ଆଜି ଭାରତ ବର୍ଷର ଖଣିଜ ସମ୍ପଦ, ଜଳସମ୍ପଦ, ଜଙ୍ଗଲ ସମ୍ପଦକୁମୋଦିଙ୍କ ବନ୍ଧୁ ବ୍ୟବସାୟୀଙ୍କ ମଧ୍ୟରେ ବଣ୍ଟନ କରାଯାଉଛି। ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ଉପରେ ପ୍ରହାର କରାଯାଉଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ ଯେ ଦଳିତ, ଆଦିବାସୀ ଓ ପଛୁଆବର୍ଗ ବିଜେପି ସରକାରରେ ସଂପୂର୍ଣ୍ଣଉପେକ୍ଷିତ। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର କାଡାମ, ଶରତ ପଟ୍ଟନାୟକ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଶାହାନୱାଜ ଚୌଧୁରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବେଦାନ୍ତ ପକ୍ଷରୁ କର୍ମଚାରୀ ସ୍ୱେଚ୍ଛାସେବା ସପ୍ତାହ



**ଭୁବନେଶ୍ୱର,୨୯।୪ (ମହାଭାରତ):** ଜୁଲାଇ ୨୦୨୪ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣର ସଫଳତା ପରେ ବେଦାନ୍ତ ଆଇରନ ଓର ଓଡ଼ିଶା ଏହାର ଦ୍ୱିତୀୟ କର୍ମଚାରୀ ସ୍ୱେଚ୍ଛାସେବା ସପ୍ତାହ (ଇଭିଡବ୍ଲୁ) ୨୦୨୪-୨୫ ସଫଳତାର ସହ ସମାପ୍ତ କରିଛି। ସେସା କର୍ମଚାରୀ ସ୍ୱେଚ୍ଛାସେବା କାର୍ଯ୍ୟକଳାପ (ଏସଇଭିଏ) କାର୍ଯ୍ୟକ୍ରମର ଏକ ଅଂଶ, ଏହି ଉତ୍ସାହୀ ପଦକ୍ଷେପ, ଏହାର ଆବାହକ ଗୋଷ୍ଠୀ ମଧ୍ୟରେ ସଂଯୋଗକୁ ଗଭୀର କରିବା ଏବଂ ସକାରାତ୍ମକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ପାଇଁ କଂପାନୀର ସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ସପ୍ତାହ ସାରା ବେଦାନ୍ତ କର୍ମଚାରୀମାନେ ୨୫୦ ରୁ ଅଧିକ ଗୋଷ୍ଠୀ ସଦସ୍ୟଙ୍କ ନିକଟରେ ପହଂଚି ବିଭିନ୍ନ ପଦକ୍ଷେପରେ ଅଂଶଗ୍ରହଣ କରିଥିଲେ। ଶିକ୍ଷା, ସଶକ୍ତିକରଣ ଏବଂ ମନୋରଞ୍ଜନ ଉପରେ କେନ୍ଦ୍ରିତ ସଂପ୍ରଦାୟ-କୈନ୍ଦ୍ରିକ କାର୍ଯ୍ୟକଳାପ ପାଇଁ କର୍ମଚାରୀମାନେ ସମୟ ଏବଂ ପ୍ରୟାସ ଉତ୍ସର୍ଗ କରି ପ୍ରସାରର ପ୍ରଭାବ ଏବଂ ପ୍ରଭାବ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ଭାବରେ ଦଳ ଗଠନ କରାଯାଇଥିଲା।

ସପ୍ତାହର ମୁଖ୍ୟ ଆକର୍ଷଣ ଗୁଡ଼ିକ ଥିଲା ଆଇଟିଆଇ କୋଇଡାରେ ବେଦାନ୍ତ ଆଇରନ ଓର ଓଡ଼ିଶାର ସିଏଚଆରଓ ଅନୁପମ ଓଙ୍କାରଙ୍କ ନେତୃତ୍ୱରେ ଏକ କ୍ୟାରିଅର ମାଗଦର୍ଶନ ଏବଂ ପରାମର୍ଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନ ମାଧ୍ୟମରେ, ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ସୁଯୋଗ, କ୍ୟାରିଅର ପଥ ଏବଂ ଶିଳ୍ପ ବିଷୟରେ ସଶକ୍ତ କରାଯାଇଥିଲା। ବିଭିନ୍ନ ବିଭାଗର କର୍ମଚାରୀମାନେ ବୈଦ୍ୟୁତିକ, ଯାନ୍ତ୍ରିକ ଏବଂ ବାଣିଜ୍ୟିକ ବିଷୟ ଉପରେ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା ଯେ ବେଦାନ୍ତ ଆଇଓଓ କିପରି ଇଂଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ମାଧ୍ୟମରେ ଆକାଂକ୍ଷୀ ଯୁବପିଢ଼ିଙ୍କୁ ସମର୍ଥନ କରିପାରିବ, ସେମାନଙ୍କୁ ବାସ୍ତବ ବିଶ୍ୱ କାର୍ଯ୍ୟ ପରିବେଶରେ ମୂଲ୍ୟବାନ ଏକ୍ସପୋଜର ପ୍ରଦାନ କରିବ। ଏହା ବ୍ୟତୀତ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ପାଇଁ ଆର୍ଥିକ ପରିଚାଳନା ଏବଂ ମାର୍କେଟିଂ ଅତ୍ୟାବଶ୍ୟକୀୟ କର୍ମଶାଳାମାନ କରାଯାଇଥିଲା, ଯାହା ସେମାନଙ୍କର ଉଦ୍ୟୋଗୀ କ୍ଷମତାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥିଲା। ଗ୍ରାମ ପଂଚାୟତ ଗୁଆଲିରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସୃଜନଶୀଳ କଳା ଏବଂ ହସ୍ତଶିଳ୍ପ ଅଧିବେଶନ କରାଯାଇଥିଲା । ସପ୍ତାହରେ ନାଡିଡିହି ଗ୍ରାମର ଯୁବବର୍ଗମାନଙ୍କ ସହିତ ଏକ ରୋମାଂଚକର ଭଲିବଲ୍ ମ୍ୟାଚ୍ ସହିତ ଶେଷ ହୋଇଥିଲା। ଯାହା କ୍ରୀଡାପ୍ରେମୀ ଏବଂ ସାମୁଦାୟିକ ସୌହାର୍ଦ୍ଦ୍ୟକୁ ପ୍ରୋତ୍ସାହିତ କରିଥିଲା।

ଏହି ଅବସରରେ ବେଦାନ୍ତ ଆଇରନ ଓର ଓଡ଼ିଶାର ସିଇଓ ଅରଜିତ ପାତ୍ର ଏହି ପଦକ୍ଷେପ ନେଇ ଗର୍ବ ପ୍ରକାଶ କରି କହିଲେ, ବେଦାନ୍ତ ସ୍ଥାନୀୟ ଗୋଷ୍ଠୀଙ୍କୁ 'ଫେରସ୍ତ' ଦେବାରେ ବିଶ୍ୱାସ କରେ।

# ଟାଟା ମୋଟୋର୍ସର ଇକୋ-ଫ୍ରେଣ୍ଡଲି ସ୍କ୍ରାପିଙ୍ଗ ବ୍ୟବସ୍ଥା

**ଭୁବନେଶ୍ୱର,୨୯।୪ (ମହାଭାରତ):** ଯେତେବେଳେ ଯାନଟିଏ ହାର ଉତ୍ସର୍ଗୀକୃତ ଜୀବନର ଅନ୍ତିମଚରଣକୁ ଆସିଥାଏ କିମ୍ବା ଏକ ଅଟୋମେଟେଡ଼ ଫିଟନେସ୍ କେନ୍ଦ୍ରରେ ଏହା ଫିଟନେସ୍ ନିମନ୍ତେ ଅଯୋଗ୍ୟ ବିବେଚିତ ହୋଇଥାଏ ସେତେବେଳେ ଏହାର ଜୀବଦ୍ଦଶା ଶେଷ(ଇଏଲଭି) ହେଲାଭଳି ବିବେଚିତ ହୋଇଥାଏ। ଏହା ମଧ୍ୟ ଜୀବଦ୍ଦଶା ଶେଷ ହେଲା ବୋଲି ଶ୍ରେଣୀଭୁକ୍ତ ହୋଇଥାଏ ଯେତେବେଳେ ଯାନଟି ସଜଡ଼ାହେବାର ଯୋଗ୍ୟତାରୁ ବଂଚିତ ହୋଇଥାଏ। ଏହାକୁ ଦାୟିତ୍ୱସମ୍ପନ୍ନ ଭାବରେ ନଷ୍ଟ କରିବା ପାଇଁ, ମାଲିକଙ୍କୁ ଏହି ଇଏଲଭିକୁ ଯେ କୌଣସି ଅଧିକୃତ ପଞ୍ଜୀକରଣ ଯାନ ସ୍କ୍ରାପିଙ୍ଗ ସୁବିଧା (ଆରଭିଏସଏଫ)କୁ ନେବାକୁ ପଡ଼ିଥାଏ ଯେମିତିକି ଟାଟା ମୋଟର୍ସ ଆରଇ-ଡ଼ବ୍ଲୁଆଇ-ଆରଇ ବା ସମ୍ମାନର ସହିତ ରି-ସାଇକ୍ଲିଙ୍ଗ କରିବା ପାଇଁ ଇକୋ-ଫ୍ରେଣ୍ଡଲି ସୁବିଧା ଗୁଡ଼ିକ ଏଠାରେ ଅନୁସୃତ ହେବା ସହିତ ଯାନଟିକୁ ଅତି ଯତ୍ନର ସହକାରେ ଅଲଗା କରାଯିବା ସଙ୍ଗେସଙ୍ଗେ ଏଥିରେ ରହିଥିବା ମୂଲ୍ୟବାନ ସାମଗ୍ରୀ ଗୁଡ଼ିକୁ ଏଥିରୁ କଢ଼ା ଯାଇଥାଏ। ପୁରୁଣା ଯାନର ସ୍କ୍ରାପିଙ୍ଗରେ ଅନେକଗୁଡ଼ିଏ ସୁବିଧା ମିଳିଥାଏ। ଗ୍ରାହକମାନେ ସେମାନଙ୍କ ଯାନ ଉପରେ ଉଚିତ ମୂଲ୍ୟ ପ୍ରାପ୍ତ ହୋଇଥାନ୍ତି ଯାହାକି ଏକ୍ସଶୋ'ରୁମ ମୂଲ୍ୟର ସାଧାରଣତଃ ୪-୬ ପ୍ରତିଶତ ରହିଥାଏ। ଅତିରିକ୍ତ ଭାବରେ, ଅନେକ ରାଜ୍ୟ ସରକାର ଏହା ଉପରେ ପ୍ରୋତ୍ସାହନ ରାଶି ପ୍ରଦାନର ବ୍ୟବସ୍ଥା ରଖିଛନ୍ତି ଯାହା ମଧ୍ୟରେ ରହିଛି ପରିବହନ ଯାନ ଉପରେ ୧୫ ପ୍ରତିଶତର ରୋଡ଼ ଟ୍ୟାକ୍ସ ରିହାତି ତଥା ଅଣ-ପରିବହନ ଯାନ ଉପରେ ୨୫ ପ୍ରତିଶତର ରିହାତି, ଏଥିସହିତ ମୁକ୍ତ ପଞ୍ଜୀକରଣ।

# ହାଇ ଆଲର୍ଟରେ ରେଳ ଷ୍ଟେସନ

**ଭୁବନେଶ୍ୱର,୨୯।୪ (ମହାଭାରତ):** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସାରା ଭାରତରେ ହାଇ ଆଲର୍ଟ ଜାରି କରାଯାଇଛି ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦିଲ୍ଲୀ, କୋଲକାତା ଏବଂ ଚେନ୍ନାଇ ସମେତ ପ୍ରମୁଖ ସହରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି, ବିଶେଷ କରି ରେଳ ଷ୍ଟେସନ ଭଳି ପ୍ରମୁଖ ସାର୍ବଜନୀନ ସ୍ଥାନଗୁଡ଼ିକ ଉପରେ ଧ୍ୟାନ ଦିଆଯାଇଛି। ଭୁବନେଶ୍ୱରରେ, ରେଳ ସୁରକ୍ଷା ବାହିନୀ (ଆରପିଏଫ) ଜନସାଧାରଣଙ୍କୁ ସଚେତନତା ଏବଂ ସତର୍କତା ସୁନିଶ୍ଚିତ କରିବା ପାଇଁ ରେଳ ଷ୍ଟେସନରେ ଏକ ଫ୍ଲାଗ ମାର୍ଚ୍ଚ କରିଥିଲା। କର୍ତ୍ତୃପକ୍ଷ ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି ଯେ, ଯେକୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ବସ୍ତୁ ଦେଖିଲେ ତୁରନ୍ତ ସରକାରୀ ରେଳ ପୁଲିସ (ଜିଆରପି) କିମ୍ବା ଆରପିଏଫକୁ ରିପୋର୍ଟ କରନ୍ତୁ। ଆରପିଏଫ ଜନସାଧାରଣଙ୍କୁ ବିଳମ୍ବ ନକରି ଯେକୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ ବିଷୟରେ ସୂଚନା ଦେବାକୁ ପରାମର୍ଶ ଦେଇଛି। ଭୁବନେଶ୍ୱର ରେଳ ଷ୍ଟେସନରେ,ଆରପିଏଫ କର୍ମଚାରୀମାନେ



ହ୍ୟାଣ୍ଡହେଲ୍ଡ ମେଟାଲ୍ ଡିଟେକ୍ଟର ବ୍ୟବହାର କରି ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ। ସମସ୍ତ ଯାତ୍ରୀଙ୍କ ଲଗେଜ୍ ସ୍କାନ୍ କରାଯାଇଥିଲା ଏବଂ ବ୍ୟାଗଗୁଡ଼ିକର ଯାଞ୍ଚ କରାଯାଇଥିଲା। ଯାତ୍ରୀମାନଙ୍କୁ ସତର୍କ ରହିବାକୁ ସଚେତନ କରିବା ପାଇଁ ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍ ବ୍ୟବହାର କରାଯାଉଛି। ସାରା ଦେଶରେ ରେଳ ଷ୍ଟେସନ ଏବଂ ସାର୍ବଜନୀନ ସ୍ଥାନରେ ସମାନ ସୁରକ୍ଷା ଯାଞ୍ଚ ଲାଗୁ କରାଯାଉଛି। ଆରପିଏଫ କର୍ମଚାରୀମାନେ ଷ୍ଟେସନ ପରିସରରେ ଉନ୍ନତ ନିରୀକ୍ଷଣ ବ୍ୟବସ୍ଥା ବ୍ୟବହାର କରି ଲଗେଜ ଯାଞ୍ଚ ଏବଂ ଯାତ୍ରୀଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଯାଞ୍ଚ କାର୍ଯ୍ୟ କରିଥିଲେ। ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ରଖିବା ପାଇଁ ପ୍ରବେଶ ଏବଂ ପ୍ରସ୍ଥାନ ସ୍ଥାନ, ପ୍ଲାଟଫର୍ମ ଏବଂ ପାର୍କିଂ କ୍ଷେତ୍ରରେ ଅତିରିକ୍ତ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏହି ଉତ୍ତେଜନାପୂର୍ଣ୍ଣ ସମୟରେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର ନାଗରିକମାନଙ୍କୁ ସତର୍କ ରହିବାକୁ ଏବଂ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି।

# ଟାଇଗର ସରାଫଙ୍କ କୋକ୍ ଜିରୋ ଏବଂ ସ୍ୱିଗି ଇନଷ୍ଟାମାର୍ଟର ଚୁକ୍ତି

**ଭୁବନେଶ୍ୱର,୨୯।୪ (ମହାଭାରତ):** କୋକା-କୋଲା ଜିରୋ ସୁଗାର, ଯାହାକି କ୍ୟାଲୋରୀ ମୁକ୍ତ ମୃଦୁପାନୀୟ ଅଟେ ସ୍ୱିଗି ଇନଷ୍ଟାମାର୍ଟ ସହିତ ମିଳିତ ସହଯୋଗରେ ଯେ କୌଣସି ସ୍ଥାନରେ ନିରବଚ୍ଛିନ୍ନ ଭାବରେ ସତେଜତାର ଏହି ପାନୀୟ ବିତରଣ କରିପାରିବ। ଏହି ଅଭିଯାନରେ ଲୋକପ୍ରିୟ ବଲିଉଡ଼ କଳାକାର ଟାଇଗର ସାରାଫ୍ଙ୍କ ଉପସ୍ଥିତିକୁ ପୁଣି ଥରେ ଆଣିବା ସହିତ, କୋକା-କୋଲା ଜିରୋ ସୁଗାର ଏହାର ପ୍ରତିଶ୍ରୁତିବଦ୍ଧତାକୁ ପୁଣି ଥରେ ଦୋହରାଇବା ସହିତ କେବଳ ୧୦ ମିନିଟ୍ ମଧ୍ୟରେ ବିନା ଆପୋଷ ସମାଧାନ ରହିତ ସ୍ୱାଦର ଅଭିଜ୍ଞତା ପ୍ରଦାନ କରୁଅଛି। "ଲାଇଫ୍ ଇଂଟରପଟେଡ଼୍, ଟେଷ୍ଟ ଅନଇଂଟରପଟେଡ଼୍" ଏଭଳି ଏକ ଟାଗଲାଇନର ପରିବେଶଣକୁ ନେଇ ଅଭିନୟକାରୀ ଚଳଚ୍ଚିତ୍ର କଳାକାରଙ୍କ ସହିତ ଏହି ଅଭିଯାନ ଦୁଇଟି ଜୀବନ ଜରିଆରେ ଚଳଚ୍ଚିତ୍ରଟିକୁ ସମ୍ପୂର୍ଣ୍ଣ କରିପାରିଛି। ପ୍ରଥମତଃ ଏକ ଭୟାନକ ଚଳଚ୍ଚିତ୍ରର ଖାଲି କୋକ୍ ଗ୍ଲାସକୁ ନେଇ ଭିନ୍ନ ଭିନ୍ନ ପ୍ରକାରର ବିକଟାଳ ଶବ୍ଦକୁ ନେଇ ସବୁଆଡ଼େ ବ୍ୟାଘାତ ସୃଷ୍ଟି କରିଛି - ପରିଶେଷରେ ଯେତେବେଳେ କି ଟାଇଗର ଅତି ହାଲୁକାର ସହିତ ସେହି କୋକ୍ ଜିରୋର ଆଦେଶକୁ ସ୍ୱିଗି ଇନଷ୍ଟାମାର୍ଟ ଜରିଆରେ, ସେଭଳି ଏକ ମୁହୂର୍ତ୍ତକୁ ପୁଣି ଥରେ ପୁନଃ ଉଦ୍ଧାର କରିଛନ୍ତି କେବଳ ଏକ ବରଫ- ଭଳି ଥଣ୍ଡା ସିପ୍ ସହିତ। ଦ୍ୱିତୀୟ ଚଳଚ୍ଚିତ୍ରଟି ଟାଇଗରଙ୍କର ରୋମାଂଟିକ୍ ପ୍ରସ୍ତାବନା ତାଙ୍କ ଭାଇଙ୍କର ସେହି ଉଚ୍ଚ ସ୍ୱରର ବାଧା ଯୋଗୁଁ ପାଖାପାଖି ଭାବରେ ସମ୍ପୂର୍ଣ୍ଣ ଧୂଳିସାତ ହେବାର ଦୃଶ୍ୟ।

# ଆତଙ୍କବାଦୀଙ୍କ ଆକ୍ରମଣ

ଅତୀତରେ ଆତଙ୍କବାଦୀଙ୍କ ଆକ୍ରମଣରେ ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇବାର ନଜିର ରହିଛି। ତେବେ ପୁଲୱାମା ବିସ୍ଫୋରଣ ପରେ ଏହା ହେଉଛି କାଶ୍ମୀର ଉପତ୍ୟକାରେ ସବୁଠାରୁ ବଡ଼ ଆତଙ୍କୀ ହମଲା। ପୁଲୱାମାରେ ଆତଙ୍କବାଦୀଙ୍କ ହମଲାରେ ୪୦ଜଣ ଯବାନ ଶହୀଦ ହୋଇଥିଲେ। କିନ୍ତୁ ସେତେବେଳେ ଆତଙ୍କୀ ହମଲାରେ କେବଳ ସୁରକ୍ଷା କର୍ମୀ ନିହତ ହୋଇଥିଲେ। କିନ୍ତୁ ଏବେ ପହଲଗାମରେ ଯେଉଁ ଆତଙ୍କୀ ହମଲା ହେଲା ସେଥିରେ ସୁରକ୍ଷା କର୍ମୀ ନୁହଁନ୍ତି, ସାଧାରଣ ନିରୀହ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସେମାନେ ପର୍ଯ୍ୟଟକ ଭାବେ କାଶ୍ମୀରକୁ ଆସିଥିଲେ। ସେମାନଙ୍କ ଆତଙ୍କବାଦୀମାନେ ହତ୍ୟା କରିବା ପଛରେ ଦୁଇଟି ବଡ଼ କାରଣ ରହିଛି। ପ୍ରଥମତଃ କାଶ୍ମୀର ଉପତ୍ୟକାରେ ଭୟ ଏବଂ ଆତଙ୍କର ବାତାବରଣ ସୃଷ୍ଟି କରି ରାଜ୍ୟର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିବା। କାଶ୍ମୀର ଅର୍ଥନୀତିର ମୁଖ୍ୟ ଆଧାର ହେଲା ପର୍ଯ୍ୟଟନ ଶିଳ୍ପ। ଏବେ ଆତଙ୍କବାଦୀଙ୍କ ଗୁଳିରେ ୨୬ଜଣ ପର୍ଯ୍ୟଟକ ପ୍ରାଣ ହରାଇବା ପରେ କାଶ୍ମୀରର ପର୍ଯ୍ୟଟନ ଶିଳ୍ପ ଗୁରୁତର ପ୍ରଭାବିତ ହେବ। ଧାରା ୩୭୦ ଉଚ୍ଛେଦ ପରେ ଏବଂ ଜାମ୍ମୁ-କାଶ୍ମୀରରେ ଶାନ୍ତି ଶୃଙ୍ଖଳାର ସହ ବିଧାନସଭା ନିର୍ବାଚନ ହୋଇ ଏକ ଲୋକପ୍ରିୟ ନିର୍ବାଚିତ ସରକାର ଗଠିତ ହେବା ପରେ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ସହ ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କାଶ୍ମୀରବାସୀ ନିର୍ବାଚନରେ ବିପୁଳ ମତଦାନ କରି ଭାରତୀୟ ସମ୍ବିଧାନପ୍ରତି ସେମାନଙ୍କ ଆସ୍ଥା ଏବଂ ବିଶ୍ୱାସ ପ୍ରକାଶ କରିଛନ୍ତି। ସାରା ବିଶ୍ୱବାସୀ କାଶ୍ମୀରରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ଏବଂ ଭାରତ ସହ ଏହାର ମିଶ୍ରଣ ଚୁଡ଼ାନ୍ତ ବୋଲି ଜାଣିଲେ। ଏହାକୁ ଆତଙ୍କୀ ସଙ୍ଗଠନ ବା ପାକିସ୍ତାନ ବରଦାସ୍ତ କରିପାରୁନାହିଁ। ଜାମ୍ମୁ-କାଶ୍ମୀରରେ ଭୟ, ଆତଙ୍କ, ଅଶାନ୍ତି ଏବଂ ଅସ୍ଥିରତାର ବାତାବରଣ ସୃଷ୍ଟିକରିବାକୁ ପାକିସ୍ତାନ ଚାହେଁ। ୩୭୦ ଉଚ୍ଛେଦ ଏବଂ ଭାରତରେ କାଶ୍ମୀରର ମିଶ୍ରଣ ନେଇ କାଶ୍ମୀରବାସୀ ଖୁସି ନାହାଁନ୍ତି, କାଶ୍ମୀରରେ ଭାରତୀୟ ନେତା ମାନାଧିକାର ଉଲ୍ଲଙ୍ଘଂନ କରୁଛି ଏବଂ ଦମନଲୀଳା ଚଳାଇଛି ଏଭଳି ଧାରଣା ସୃଷ୍ଟି କରିବାକୁ ପାକିସ୍ତାନ ଚାହୁଁଛି। ପହଲଗାମ ଆକ୍ରମଣର ଏହା ହିଁ ପ୍ରଥମ ଉଦ୍ଦେଶ୍ୟ। ଦ୍ୱିତୀୟରେ ପହଲଗାମରେ ଆତଙ୍କବାଦୀମାନେ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ଯେଉଁମାନେ ହିନ୍ଦୁ କେବଳ ସେହିମାନଙ୍କୁ ହତ୍ୟା କରିଛନ୍ତି। ଏହା ଦ୍ୱାରା ଭାରତରେ ହିନ୍ଦୁମାନଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି ହେବ ଏବଂ ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକ ସଂଘର୍ଷ ସୃଷ୍ଟି ହୋଇପାରେ। ଏହା ହିଁ ଆତଙ୍କବାଦୀମାନେ ଚାହାଁନ୍ତି। ଭାରତରେ ହିନ୍ଦୁ-ମୁସଲମାନ ବିବାଦ ଏବଂ ସଂଘର୍ଷ ବୃଦ୍ଧି ପାଉ, ଦେଶର ସାମାଜିକ ଏବଂ ଅର୍ଥନୈତିକ ସ୍ଥିତି ବିପନ୍ନ ହେଉ, ଭାରତରେ ସଂଖ୍ୟାଲଘୁଙ୍କ ସ୍ଥିତି ବିପନ୍ନ ବୋଲି ବିଶ୍ୱବାସୀଙ୍କ ମନରେ ଧାରଣା ସୃଷ୍ଟି ହେଉ, ଏହା ପାକିସ୍ତାନର ଉଦ୍ଦେଶ୍ୟ। କୃଷକ ଆନ୍ଦୋଳନ ବେଳେ ସାରା ବିଶ୍ୱରେ ଅନେକ ଦେଶ ବିରୋଧୀ ଶକ୍ତି ଏଥିରୁ ଫାଇଦା ଉଠାଇ ମୋଦି ସରକାରଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ ଚଳାଇଥିଲେ। ପରବର୍ତ୍ତୀ ସମୟରେ ଏହା ବିଫଳ ହୋଇଥିଲା। ୱାକଫ ବିଲ ଗୃହୀତ ହେବା ପରେ ଭାରତରେ ଯେପରି ଅଶାନ୍ତି ଏବଂ ଆନ୍ଦୋଳନ ସୃଷ୍ଟି ହୋଇଛି ସେଥିରେ ପାକିସ୍ତାନ ଭାରି ଖୁସି। ଏବେ ପାକିସ୍ତାନ ଲକ୍ଷ୍ୟ ରଖିଛି କିପରି ଭାରତରେ ସାମ୍ପ୍ରଦାୟିକ ହିଂସାର ନିଆଁ ଜାଳି ଭାରତକୁ ବଦନାମ କରିବ ଏବଂ ତା ସହିତ ଭାରତରେ ସାମାଜିକ ଏବଂ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରି ଏହାକୁ ଦୁର୍ବଳ କରିବା। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସବୁ କ୍ଷେତ୍ରରେ ବିକାଶିତ ଏବଂ ସମୃଦ୍ଧି ପଥରେ ଅଗ୍ରସର ହେଉଛି।

# ସାଧୁ - ସର୍ବ ଭୂତ ହିତେ ରତଃ

**॥ ହେମନ୍ତ କୁମାର ପରିଡ଼ା ॥**

" ;ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ।*

ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି। 'ଏ ଜୀବ ସାଧୁସଙ୍ଗ ବିନୁ। ଲଭି ନପାରେ ମୋର ତନୁ।' ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା। ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ। କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି। ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି 'ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ।' ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ ହୋଇଛି।

ଦସ୍ୟୁ ରତ୍ନାକର ଭଳି ଦୁରଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ। ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ। ଅଙ୍ଗୁଳୀମାଳ ଭଳି ଦୁର୍ଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ। ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ। ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି। ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି। ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ। ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ। ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ। ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି। ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ। ସେଥିପାଇଁ କୁହାଯାଇଛି 'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେନୌକା।'

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ। ଏଠିକାର ସମୁଦ୍ର ମହୋଦଧି। ଏହି ମାର ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ। ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର। ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ଜ୍ୱଳିତ ଥିଲା। ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ। ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ। ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ। ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି। ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି। ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି। ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି। ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ।' ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ। ସାଧୁ ସାକ୍ଷାତ ତୀର୍ଥମୟ। ତୀର୍ଥମାନେ ସମୟ କ୍ରମେ ଫଳଦନ୍ତା କରନ୍ତି। ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ। ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଭଗବାନ ମଧ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି। ଆଶୀର୍ବାଦ ନେଇଛନ୍ତି, ଅଭିଶାପକୁ ମଥାପାତି ସହିଛନ୍ତି। କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ ଗ୍ରହଣ କରିଛନ୍ତି। ସନ୍ଥ ତୁଳସୀ ଦାସଙ୍କ ଭାଷାରେ - 'ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଲ ଚିଦ୍ରନ ପାବା।' ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ। ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି। ସେ ସବୁ ମଧ୍ୟରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ। ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର। ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି। 'ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି। ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍। ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍। ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହୀରଚାପଳମ୍। ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା। ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ।'

ଶ୍ରୀ ଭଗବାନ କହିଲେ ହେ ଅର୍ଜ୍ଜୁନ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜ୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ। ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ। ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି। ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା। ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି। ସାଧୁ ବେଶ ସାଧୁର ଏକ ଭୂଷଣ। ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମା ବିଶ୍ୱାସ, ସରଳତାର ପ୍ରତୀକ ହେଉ। ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି। ସେଥିରେ କଳଙ୍କ ନଲାଗୁ। ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ। ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ତ ହୁଅନ୍ତୁ। ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ। ଆମର ସବୁ ମୁନିଋଷି ଗୃହସ୍ତ ଥିଲେ। ବିଶ୍ୱଗୁରୁ ବ୍ୟାସ ମଧ ଗୃହସ୍ତ ଥିଲେ। ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି। ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି। ଗୈରୀକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି। କିଏ ଲଣ୍ଡିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭଷ୍ମ ବିଲେପିତ ଧୂଳିଧୁଷରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ। ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ। କାଚକାଚ ମଣି ମଣି କୟ ବିକ୍ରୟେ ଜଣାଜଣି। ବିଶେଷକରି ସର୍ବଭୂତ ହିତେରତା। ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ। ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ।

ମାଳତୀକୁଞ୍ଜ, ପ୍ଲଟ ନଂ - ୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ଦୂରଭାଷ : ୮୭୬୩୧୦୭୧୨୬

# ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ

**॥ ଗୋପାଳ ମହାପାତ୍ର ॥**

ଏବେ ଶୀତଋତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଇଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି। ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ଼ ନୁହେଁ। ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

# ମହାତ୍ମାଙ୍କ ଶେଷ ଦିନ ଓ ପରମପିତା

**॥ ଉମେଶ ଚନ୍ଦ୍ର ପାତ୍ର ॥**

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର 'ଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ ଖୁବ୍ ଶକ୍ତ ଥିଲା। ରସୁଲ୍ଙ୍କ ପାଖରେ ଆଲି, ଓମର, ଓସ୍ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - " "ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।

ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବନାଂଚଳ ଅଧିକାରିଣୀଙ୍କ ନାମରେ ଥାନାରେ ଏକାଧିକ ଅଭିଯୋଗ

ଅସ୍ତରଙ୍ଗ ୨୯/ ୪:ମହାଭାରତ -ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ର ପର୍ଯ୍ୟଟନ ସ୍ଥଳରେ ବ୍ୟବସାୟ କରୁଥିବା ସମସ୍ତ ବ୍ୟବସାୟୀ ଅସ୍ତରଙ୍ଗ ବନା*ଳ ଅଧିକାରିଣୀଙ୍କ ନାମରେ ପୃଥକ ପୃଥକ ଭାବେ ଅଭିଯୋଗ ହୋଇଛି । ସୂଚନା ଯୋଗ୍ୟ କି ପୀର ଜାହାନିଆଁ ପର୍ଯ୍ୟଟନ ସ୍ଥଳୀରେ ଦୀର୍ଘ ବର୍ଷ ହେବ ସେହି ଅଂଚଳ ର ପ୍ରାୟ ସ୍ଥାୟୀ ଭାବେ ୨୧ ଟି ଓ ଅସ୍ଥାୟୀ ଭାବେ ୨୦ଟି ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ପୂର୍ବରୁ ବନ ବିଭାଗ ନୋଟିସ ଦେଇଥିଲେ ଓ ଗତ ୧୬/ ୩ ତାରିଖରେ ବନବିଭାଗ ଏ ସି ଏଫ ଅଶୋକ ବେହେରା ଓ ବନା*ଳ ଅଧିକାରିଣୀ ମୋନାଲିସା ମହାପାତ୍ର ଙ୍କ ନେତୃତ୍ୱରେ ଅସ୍ତରଙ୍ଗ ଓ ବାଲୁଖଣ୍ଡ ର ସମସ୍ତ ବିଭାଗୀୟ ଅଧିକାରୀ ଙ୍କୁ ନେଇ ଜାହାନିଆଁ ରେ ଥିବା ଦୋକାନ ଭାଙ୍ଗିବା ପାଇଁ ଜେସିବି, ଥାନା ଓ ଫୋର୍ସ ସହ ସେଠାରେ ପହଂଚି ଥିଲେ । ଏବଂ ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଓ ସରପ* କ୍ଷୀରୋଦ କାଣ୍ଡି ଙ୍କ ହସ୍ତକ୍ଷେପ ଫଳ ରେ ଉଚ୍ଛେଦ କାର୍ଯ୍ୟକୁ ସ୍ଥଗିତ



ରଖିଥିଲେ । ବନବିଭାଗ ପୁଣି ଏକ ଅଣ୍ଡାରଟେକିଂଗି ଆଣି ସମସ୍ତ ଦୋକାନୀ ଙ୍କୁ ଦେଇ ଦସ୍ତଖତ କରାଇନେଇଥିଲେ କିନ୍ତୁ ସମସ୍ତ ଦୋକାନୀ କ୍ଷଭୋର ସହ ଆମକୁ ଜବରଦସ୍ତ ପୋଲିସ ଫୋର୍ସ ଆଣି ଜୋର ଜବରଦସ୍ତ ଏଭଳି କରାଯାଉଥିବା ଅଭିଯୋଗ ମଧ୍ୟ କରିଥିଲେ । ଯେଉଁ ଭୂମି ସମ୍ପର୍କରେ ବନା*ଳ ଅଧିକାରିଣୀଙ୍କ ପାଖରେ ନଥିଲେ ମଧ୍ୟ ନିଜ ପ୍ରଶାସନିକ ଅଧିକାରୀଙ୍କୁ ନେଇ ନିଜ ସୀମା ଅତିକ୍ରାନ୍ତ କରି ଅନଧିକୃତ ଭାବେ ନୋଟିସ ଦେଇଛନ୍ତି । କିନ୍ତୁ ଗୁରୁତ୍ୱପୂର୍ଣ କଥା ହେଲା ଆମେ ଦୋକାନ କରିଥିବା ସ୍ଥାନର ଖାତା ନଂ ୪୫୮ ଓ ପ୍ଲଟ୍ ନଂ ୨୨୬୧ ହେଉଛି ରାଜସ୍ୱ ବିଭାଗ ଯାହାର କିସମ ପତିତ ମଟାଳ , ଅବାଦ ଯୋଗ୍ୟ ଅନାବାଦୀ ଅଟେ । କିନ୍ତୁ ବନା*ଳ ଅଧିକାରିଣୀ କିପରି ସୀମା ଉଲଂଘନ କରି ଆମକୁ ଉଚ୍ଛେଦ ପାଇଁ ନୋଟିସ ଦେଲେ ଓ ସେହିଠାରେ ଆହୁରି ଅନେକ ବେଆଇନି ଦଖଲକୁ ଆଖିବୁଜି ଆମକୁ ଉଦେଶ୍ୟ ମୂଳ ଭାବେ ଉଚ୍ଛେଦ ପ୍ରତିବାଦରେ ଅସ୍ତରଙ୍ଗ ଥାନାରେ ପୃଥକ ପୃଥକ ଭାବେ ଆଜି ସୁଦ୍ଧା ୧୫ ଟି ରୁ ଉର୍ଦ୍ଧ ହେବ ଲିଖିତ ଅଭିଯୋଗ ହୋଇଥିବା ବ୍ୟବସାୟୀ ସଂଘ ସଭାପତି ବୃନ୍ଦାବନ ବିଶ୍ୱାଳ କହିଛନ୍ତ । ଆଜି ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଙ୍କୁ ଏ ସମ୍ପର୍କ ରେ ଅବଗତ କରିବା ପରେ ତହସିଲଦାର ମାଣ୍ଡୁକି ସର୍କଲ ନିରୀକ୍ଷକ ଙ୍କୁ ଉକ୍ତ ସ୍ଥାନକୁ ପଠାଇ ଜାଣିବାକୁ ପାଇଲେ କି ଉକ୍ତ ପ୍ଲଟ ଟି ରାଜସ୍ୱ ବିଭାଗ ଅଧୀନରେ ଅଛି ଓ ଆସନ୍ତା ୨ ତାରିଖ କୁ ଥିବା ଉଚ୍ଛେଦ ସମ୍ପର୍କ ରେ ଜିଲ୍ଲା ଉଚ୍ଚ ଅଧିକାରୀ ଙ୍କୁ ଅବଗତ କରାଇବା ସହ ଉଚ୍ଛେଦ ନ ହେବାପାଇଁ ବ୍ୟବସାୟୀ ମାନଙ୍କୁ ଆଶ୍ୱାସନା ଦେଇଥିବା ବ୍ୟବସାୟୀ ସଂଘ ସଭାପତି ଶ୍ରୀଯୁକ୍ତ ବିଶ୍ୱାଳ କହିଛନ୍ତି । ଏବଂ ୨୦୨୦ ମସିହା ରେ ପୀର ଙ୍କ ପାଇଁ ୧ କୋଟି ଅନୁଦାନ ଆସିଥିଲା ସେ ସ୍ଥାନ ପୀରଙ୍କ ର ନିଜସ୍ୱ ଜମି ହୋଇନଥିବା କାରଣରୁ ଡ଼ଃ ଲକ୍ଷ୍ମୀଧର ବିଶ୍ୱାଳ ଏହା ଦର୍ଶାଇବାରୁ ଅନୁଦାନ ଫେରିଗଲା । ସେହି ସମାନ ପ୍ଲଟ ରେ ଆମକୁ ଉଦେଶ୍ୟ ମୂଳକ ଭାବେ ବନା*ଳ ଅଧିକାରିଣୀ ୧ ମାସରୁ ଉର୍ଦ୍ଧ ସମୟ ଧରି ଆମକୁ ଯେଉଁ ମାନସିକ ଯନ୍ତ୍ରଣା ଦେଇଛନ୍ତି ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଦଣ୍ଡ ବିଧାନ ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ବ୍ୟବସାୟୀ ଦାବିକରିଛନ୍ତି ।

## ପଣ୍ଡିତ ରୋହିତ ଦାଶଙ୍କୁ ' ବିଦ୍ୟାବାଚସ୍ପତି ' ସାରସ୍ୱତ ସମ୍ମାନ ପ୍ରଦାନ

ଅନୁଗୁଳ, (ମହାଭାରତ): ହୋଟେଲ୍ ରେଡିସନ୍ ପାର୍କ ଇନ୍, ଅଯୋଧ୍ୟା ଧାମ ଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ହିନ୍ଦୀ ବିଦ୍ୟାପୀଠର କୁଳପତି ମାନ୍ୟନୀୟ ଡ଼ା. ଇନ୍ଦୁ ଭୂଷଣ ମିଶ୍ରଙ୍କ ଅଧକ୍ଷତାରେ ଏକ 'ରାଷ୍ଟ୍ରୀୟ ସଂଗୋଷ୍ଠୀ ଏବଂ ସମ୍ମାନ ସମାରୋହ' ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ମାନନୀୟ ଡ଼. ଅରବିନ୍ଦ କୁମାର ଜୀ, ପୂର୍ବତନ କୁଳପତି, ରାଣୀ ଲକ୍ଷ୍ମୀବାଇ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ଝାନ୍ସୀ, ମୁଖ୍ୟ ବକ୍ତା ଭାବରେ ସୁଶ୍ରୀ ଦୀପା ମିଶ୍ରା ଜୀ,ପ୍ରସିଦ୍ଧ କଥାବାଚିକା, ବୃନ୍ଦାବନ ଧାମ, ମଥୁରା, ବିଶିଷ୍ଟ ଅତିଥି -ମାନ୍ୟନୀୟ ଡ଼ା. ବିଶ୍ୱନାଥ ପାଣିଗ୍ରାହୀ ,ରାଷ୍ଟ୍ରୀୟ ପରିବେଶବିଦ୍ ଓ ୱାର୍ଲ୍ଡ ରେକର୍ଡ଼ ଧାରୀ, ବାଗବାହରା, ଜିଲ୍ଲା, ଛତିଶଗଡ଼ ଇତ୍ୟାଦି ବିଦ୍ୱତ୍‌ଜନଙ୍କର ପାବନ ସାନ୍ନିଧ୍ୟରେ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଖଲାରୀ ରାମେଶ୍ୱର ସାହିର ପଣ୍ଡିତ ରୋହିତ କୁମାର ଦାଶଙ୍କୁ ' ପ.ଦୀନଦୟାଲ ହିନ୍ଦୀ ବିଦ୍ୟାପୀଠ', ବୃନ୍ଦାବନ ଧାମ, ମଥୁରା ( ଉତର ପ୍ରଦେଶ ) ତରଫରୁ ' ବିଦ୍ୟାବାଚସ୍ପତି 'ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଅଛି । ବର୍ତମାନ ଶ୍ରୀଯୁକ୍ତ ଦାଶ ଦେବଗଡ ଜିଲ୍ଲା ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଅଛନ୍ତି । ସଂସ୍କୃତ ଭାଷାର ପ୍ରଚାର ପ୍ରସାର, ଅଧ୍ୟାତ୍ମ କ୍ଷେତ୍ରରେ ରାଷ୍ଟ୍ରିୟ ଓ ଅନ୍ତର୍ରାଷ୍ଟ୍ରିୟ ସ୍ତରରେ ପ୍ରତିଷ୍ଠା ସମ୍ବଳିତ ଶୋଧକାର୍ଯ୍ୟ ଓ ସାମାଜିକ କାର୍ଯ୍ୟନିମିତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଅଛି । ପ. ଦାଶ ସମ୍ପ୍ରତି ସନାତନ ଜାଗୃତି ପରିଷଦ, ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ଇତ୍ୟାଦି ଅନେକ ଧାର୍ମିକ, ସାମାଜିକ, ସାଂସ୍କୃତିକ ସଂଗଠନ ସହିତ ଜଡିତ ଅଛନ୍ତି । ଅନୁଗୁଳ ଜିଲ୍ଲାର ସର୍ବପ୍ରଥମ ବିଦ୍ୟାବାଚସ୍ପତି ସମ୍ମାନ ପାଇଥିବା ଶ୍ରୀ ଦାଶ ଜିଲ୍ଲାର ଗୌରବ ବଢାଇଛନ୍ତି ।

## ମା' ପେଣ୍ଡ୍ରାଣୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଏବଂ ପିତୃ ଯଜ୍ଞ

ରାଇଘର, (ମହାଭାରତ): ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ । ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ରାଇଘର ପଂଚାୟତ ଅନ୍ତର୍ଗତ କରଣପଦର ଗ୍ରାମ ଠାରେ ଚୌଧରୀ ପରିବାର ଏବଂ କରଣପଦରର ଗ୍ରାମବାସୀଙ୍କ ପକ୍ଷରୁ ମାଁ ପେଣ୍ଡ୍ରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ପୀତୃ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ମନ୍ଦିର ପ୍ରତିଷ୍ଠା ମହୋତ୍ସବ ରେ ଚୌଧରୀ ପରିବାର ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଦେବାଦେବୀ ଙ୍କ ପୂଜାର୍ଚନା ଯଥାବିଧି ଅନୁସାରେ କରାଯାଇଥିଲା, ଉକ୍ତ ପେଣ୍ଡ୍ରାଣୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ କାର୍ଯ୍ୟକ୍ରମ ରେ ମନ୍ଦିର ପରିଚାଳନା କମିଟି ର ସଭାପତି ପ୍ରଭାସ ଗଣ୍ଡ,ଉପ ସଭାପତି ରମେଶ ଗଣ୍ଡ,ସମ୍ପାଦକ କୁନା ଗଣ୍ଡ ଙ୍କ ପ୍ରମୁଖ ଭୂମିକା ରହିଥିବା ବେଳେ ପେଣ୍ଡ୍ରାଣୀ ପୂଜାରୀ ପଦିଆ ଗଣ୍ଡ,ଯତୀନ୍ଦ୍ର ନାଥ ଗଣ୍ଡ,ମୋତିଲାଲ ଗଣ୍ଡ, ସିଙ୍ଗଲ ଗଣ୍ଡ,ରାମସିଂ ଗଣ୍ଡ, ତିଲକ ଗଣ୍ଡ, ଛବିଲାଲ ଗଣ୍ଡ, ପରମଜିତ ଗଣ୍ଡ,(ମିସ୍ତ୍ରୀ-କାର୍ତିକ ଗଣ୍ଡ,ଶୁକନାଥ ଗଣ୍ଡ, ଧରମୁ ଗଣ୍ଡ, ଜଗେଶ ଗଣ୍ଡ)(ପୂଜାରୀ - ନାଅଲ ଗଣ୍ଡ, ଚଇତୁ ଗଣ୍ଡ, ରାମଗିରି ଗଣ୍ଡ, ହେମଲାଲ ଗଣ୍ଡ)(ଦିଶାରୀ- ସୋନାସିଂ ଗଉଡ଼,ଶୁକମାନ ଗଣ୍ଡ,ଦେଓନାଥ ପନକା, କେଶନାଥ ଗଣ୍ଡ,ଜୟବଲ ଲୋହରା, ଅମର ସିଂ ଗଉଡ଼,) ସରପ* ଲମ୍ବୋଦର ମାଝୀ, ଗାଉଁଟିଆ ରାମ ବିଳାଶ ଗଣ୍ଡ, ମେମ୍ବର ଶୁକରାମ ଗଣ୍ଡ, କାଠମିସ୍ତ୍ରୀ ଫୁଲୁସ ରାମ ଗଣ୍ଡ,କଟୁଆଳ ଜନସୁ ହରିଜନ, ଗାଏଁଟା ରନସାୟ,ଗଣ୍ଡା ରାମ ମାଝୀ ଙ୍କ ସହ ଗ୍ରାମର ସମସ୍ତ ଗ୍ରାମବାସୀ ପେଣ୍ଡ୍ରାଣୀ ମାଁ ଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ସହଯୋଗ କରିଥିଲେ ।ସାଧୁ ବୃନ୍ଦ -ସାଧୁ ପ୍ରକାଶ ଦାସ, ସାଧୁ ଡମ୍ବୁ ଦାସ, ସାଧୁ ଭରତ ଦାସ, ସାଧୁ ସନା ଦାସ, ସାଧୁ ଋଷି ଦାସ, ସାଧୁ ରାମାନନ୍ଦ ଦାସ, ସାଧୁ ଚନ୍ଦ୍ର ଦାସ, ସାଧୁ ଗଜାନନ ଦାସ, ସାଧୁ ରାଜେନ୍ଦ୍ର ଦାସ ଉପସ୍ଥିତ ହୋଇ ଯଥାବିଧି ପୂଜାର୍ଚନା କରିବା ପରେ ମାଁ ପେଣ୍ଡ୍ରାଣୀଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା ।

## ବାଇକରୁ ପଡି ମହିଳାଙ୍କ ମୃତ୍ୟୁ

ଆସିକା, (ମହାଭାରତ): ଆସିକା ମାମୁଡିହ ଠାରେ ବାଇକରୁ ପଡି ମହିଳାଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଥାଉକି ଆଜି ଗାଙ୍ଗପୁର ଥାନା ବିରିପୁର ଗ୍ରାମର ସ୍ୱର୍ଗତ ସଞ୍ଜୟ ନାୟକଙ୍କ ସ୍ତ୍ରୀ ସଂଗୀତା ନାୟକ (୩୩) ନାମକ ଜଣେ ମହିଳା ନିଜ ଭିଣୋଇ ବାୟାଧର ନାୟକଙ୍କ ସହ ଓଡି -୦୭ -ଏ ୱାଇ -୪୫୪୧ ଯୋଗେ ମାମୁଡ଼ିଆରୁ ଦେବଭୂମି ଯାଉଥିବା ବେଳେ ଭିଣୋଇ ବାୟାଧର ଙ୍କ ବେପରୁଆ ଗାଡି ଚାଳାଣ ହଠାତ ଗାଡ଼ିରୁ ଖସି ପଡ଼ି ରାସ୍ତାରେ କଚାଡି ହୋଇ ପଡିଯାଇଥିଲେ । ଯାହାଦ୍ୱାରା ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ସଂଗୀତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ଏଠାରେ କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ । ଏହି ଘଟଣା ସମ୍ପର୍କରେ ନିଜେ ଗାଡି ଚାଳକ ବାୟାଧର ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୋଲିସ ଆସିକା ମେଡ଼ିକାଲରେ ପହ* ଶବ କୁ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ପ୍ରକାଶ ଥାଉକି ଗତ ଏକ ବର୍ଷ ତଳେ ସଂଗୀତାଙ୍କ ସ୍ୱାମୀ ସଞ୍ଜୟଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି ସଂଗୀତାଙ୍କ ମୃତ୍ୟୁ ହୋଇଛି ସଂଗୀତାଙ୍କ ଦୁଇଟି ସନ୍ତାନ ରହିଛନ୍ତି ବର୍ତମାନ ଏହି ଛୁଆ ଦୁଇଜଣ ବାପା ମାଆ ଛେଉଣ୍ଡ ହୋଇପଡିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୂର୍ବତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ରକ୍ତ ଦାନ ଶିବିର



କେନ୍ଦୁଝର, (ମହାଭାରତ): ଜିଲ୍ଲା ସଦର ବ୍ଲକ ଅର୍ନ୍ତଗତ ବାଉରିପଦା ଗ୍ରାମ ପଂଚାୟତର କେମ୍ପସଡା ଗ୍ରାମରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ପୁର୍ବତନ ଛାତ୍ରଛାତ୍ରୀ ମାନଙ୍କୁ ନେଇ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା ଏଥିରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ସଂଗୃହିତ ରକ୍ତକୁ କେନ୍ଦୁଝର ରକ୍ତ ଭଣ୍ଡାରକୁ ପ୍ରଦାନ କରାଗଲା । ତେବେ ଉକ୍ତ କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ର କମିଟି ର ସଭାପତି ଗୀତାଞ୍ଜଳି ପାତ୍ର ଓ ସମ୍ପାଦକ ସୁଶିଲ କୁମାର ମହାନ୍ତ ଆୟାଜନ କରିଥିଲେ । ବର୍ତମାନ ର ଶିଶୁ ମନ୍ଦିର କମିଟି ସଭାପତି ଗୋପବନ୍ଧୁ ନାଏକ, ସମ୍ପାଦକ କେଶବ ଚନ୍ଦ୍ର ମହନ୍ତ, ଉପସଭାପତି ଚୌଧୁରୀ ମହାନ୍ତ ଓ ସହ ସମ୍ପାଦକ ଯତୀନ ଦାସ, କୋଷାଧକ୍ଷ ରାଜକିଶୋର ଦେହୁରୀଙ୍କ ସମେତ ପୂର୍ବତନ ପ୍ରଧାନ ଆଚାର୍ଯ୍ୟ କରୁଣାକର ମହାନ୍ତ, ବିଦ୍ୟାଳୟର ପ୍ରତିଷ୍ଠାତା ସୁରେଶ କୁମାର ମହାନ୍ତ ଏବଂ ପୁରାତନ ଛାତ୍ରଛାତ୍ରୀ ଅମିତ୍ କୁମାର ମହାନ୍ତ, ବିଦ୍ୟାଧର ମହାନ୍ତ, ବିଶ୍ୱେଶ୍ୱର ମହାନ୍ତ, ଅବିନାଶ ଦାସ, ଗୀତାଞ୍ଜଳି ମହାନ୍ତ, ରମଣ ରଞ୍ଜନ ମହାନ୍ତ, ପଦ୍ମଲୋଚନ ମହାନ୍ତ, ଗୁଞ୍ଜନ ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତ, ସୁଚରିତା ସାହୁ, ପ୍ରିୟମ୍ବଦା ମହନ୍ତ, ମନୋରଞ୍ଜନ ମହାନ୍ତ ଏବଂ ସମାଜ ସେବୀ ବସନ୍ତ କୁମାର ମହାନ୍ତ, ରଘୁନାଥ ମହାନ୍ତ, ଘନଶ୍ୟାମ ମହାନ୍ତ ପୂର୍ଣ୍ଣ ସହଯୋଗ କରିଥିଲେ ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ରକ୍ତ ଦାନ ଶିବିରରେ ଅଂଶଗ୍ରହଣ କରି ରକ୍ତଦାତା ମାନଙ୍କୁ ରକ୍ତ ଦାନର ମୂଲ୍ୟ ସମ୍ପର୍କରେ ଦିଗ୍ ଦର୍ଶନ ଦେଇଥିଲେ ।

## ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷା ଦାବୀରେ ଏଏମଏନଏସ କମ୍ପାନୀ ଫାଟକ ସମ୍ମୁଖରେ ଧାରଣା

ପାରାଦୀପ, (ମହାଭାରତ): ଆର୍ସେଲର ମିତଲ ନିପ୍ପନ ଷ୍ଟିଲ (ଏଏମଏନଏସ) ଇଣ୍ଡିଆ କମ୍ପାନୀରେ କାର୍ଯ୍ୟ କରୁଥିବା ହଜାରରୁ ଉର୍ଦ୍ଧ ଠିକା ଶ୍ରମିକ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଙ୍ଘର ସଭ୍ୟ ଥିବା ବେଳେ ପ୍ରକାଶ ତ୍ରିପାଠୀ ଏହି ଶ୍ରମିକଙ୍କ ବିଭିନ୍ନ ସମସ୍ୟା କୁ ନେଇ ଦାବିପତ୍ର ଦେବା ସହିତ ଏସମ୍ପର୍କରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଓ କମ୍ପାନୀ କତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ କମ୍ପାନୀ କତୃପକ୍ଷ ଓଡ଼ିଶାର ଶିଳ୍ପ ନୀତିକୁ ମାନିବାକୁ ନାରାଜ । ସଂଘର କହିବା ଅନୁଯାୟୀ ପାରାଦୀପ ଶିଳ୍ପା*ଳରେ ଥିବା ସମସ୍ତ ଶିଳ୍ପ ସଂସ୍ଥାରେ ଶ୍ରମିକ ଙ୍କ ସ୍ୱାର୍ଥ ରକ୍ଷା ପାଇଁ ଗଠିତ ଶ୍ରମିକ ସଙ୍ଘକୁ ଶିଳ୍ପ ସଂସ୍ଥା ମାନେ ମାନ୍ୟତା ଦେଉଛନ୍ତି । ଯାହାକି ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ନେଇ ଶିଳ୍ପ ସଂସ୍ଥା ମାନେ ଶ୍ରମିକ ସଙ୍ଘ ସହ ଆଲୋଚନା କରି ସମସ୍ୟା ସମାଧାନ କରିବା ସହିତ ଶ୍ରମିକ ମାନେ ମଧ ସଙ୍ଘ ଦ୍ୱାରା ତାଙ୍କ ସମସ୍ୟାର ସମାଧାନ କରିଥାନ୍ତି । ଏହାଦ୍ୱାରା ଶ୍ରମିକ ଓ ଶିଳ୍ପ ସଂସ୍ଥା ମାନଙ୍କ ପାଇଁ ସହଜ ହୋଇଥାଏ କ୍ଷ ତେବେ ୮ ମାସରୁ ଉର୍ଦ୍ଧ ହେବ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ଏଏମଏନଏସକୁ ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ କମ୍ପାନୀ କତୃପକ୍ଷ ଙ୍କ



ସହିତ ଆଲୋଚନା କରିବାକୁ ଚାହୁଁଥିବା ବେଳେ କମ୍ପାନୀ କତୃପକ୍ଷ ୟୁନିଅନ ସହିତ ଆଲୋଚନା କରିବା ପାଇଁ ରାଜି ହେଉନାହିଁ । ଯେଉଁଥିପାଇଁ ବାରମ୍ବାର ଅତିରିକ୍ତ ଜିଲ୍ଲାପାଳ ଙ୍କ ଦ୍ୱାରସ୍ତ ହେଲାପରେ ମଧ କମ୍ପାନୀ କତୃପକ୍ଷ କର୍ଣ୍ଣପାତ କରୁନଥିବାରୁ ଶେଷରେ ସଙ୍ଘ ବାଧ ହୋଇ ଗତ ୨୮ ତାରିଖ ସୋମବାର ଠାରୁ କମ୍ପାନୀ ଫାଟକ ଆଗରେ ଦୁଇଦିନ ଧରି ଘଂଟିକିଆ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବ ଏବଂ ତାପରେ ଘଂଟିକିଆ ଶାନ୍ତିପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବ ବୋଲି ନିଷ୍ପତି ନିଆଯାଇଛି । ଏହାପରେ ପ୍ରଶାସନ କିମ୍ବା କମ୍ପାନୀ କତୃପକ୍ଷ ଯଦି ସମାଧାନ ନକରନ୍ତି, ତାହା ହେଲେ ସଙ୍ଘ ଅଲଗା ତରିକା ଆପଣେଇବାକୁ ବାଧ ହେବ ବୋଲି ଶ୍ରମିକ ନେତା ତଥା ସଙ୍ଘ ସଭାପତି ପ୍ରକାଶ ତ୍ରିପାଠୀ ଚେତାବନୀ ଦେଇଛନ୍ତି । ଚାଲିଥିବା ଏହି ପ୍ରତିବାଦ ସଭାରେ ହଜାର ହଜାର ଶ୍ରମିକ ଯୋଗ ଦେଉଥିବା ବେଳେ ସଂଘର ସାଧାରଣ ସମ୍ପାଦକ ଶ୍ରମିକନେତା ଅଭିମନ୍ୟୁ ବେହେରା ଓ ସମ୍ପାଦକ ରତ୍ନାକର ଜେନା ଉପସ୍ଥିତ ରହି ଶ୍ରମିକ ମାନଙ୍କୁ ଉତ୍ସାହିତ କରିବା ସହିତ ଏହି ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ।

## ଜିଲ୍ଲା ଅଧିକାରୀଙ୍କ ଗାଡିଧକ୍କାରେ ଜଣେ ମୃତ୍ୟୁ

ଏକପାଟଣା, (ମହାଭାରତ) : କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ଉଦୟପୁର ବରବେଡ଼ା ରାସ୍ତାର ଖଂଟାପଡ଼ା ପ*ାୟତ ଚାତର ପାଣି ନିକଟରେ ସୋମବାର ପୂର୍ବାହ୍ନରେ ସରକାରୀ ବାବୁଙ୍କ ବୋଲେରୋ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ଯୁବକ ଜଣକ ମୟୂରଭଞ୍ଜ ଜିଲା ସୁକ୍ରୁଳି ଥାନା ଅନ୍ତର୍ଗତ ଘାଘି ଗ୍ରାମର ରାଜେନ୍ଦ୍ର ବେହେରା ବୋଲି ଜଣାପଡିଛି । ସୂଚନା ରୁ ପ୍ରକାଶ ରାଜେନ୍ଦ୍ର ଜଣେ ବୃତିରେ ମିସ୍ତ୍ରୀ । ସେ ସୋମବାର ସକାଳୁ ଘରକୁ ଯାଉଥିବା ବେଳେ ଏକ ବୋଲେରୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ବୋଲେର ଧକ୍କା ବାଇକ୍ ଆରୋହୀକୁ ଜଣକ ଗୁରୁତର ଆହତ ହୋଇ ଥିଲେ । ରାଜେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରି ଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ରାଜେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ । ରାଜେନ୍ଦ୍ରଙ୍କ ସହ ଦୁର୍ଘଟଣା ଘଟାଇ ଥିବା ବୋଲେର ଟି କେନ୍ଦୁଝର ଜିଲ୍ଲା ସିଏସ୍ଓ ବ୍ରଜ କିଶୋର ମାରାଣ୍ଡିଙ୍କ ଗାଡ଼ି ବୋଲି ଜଣାପଡିଛି । ସେ ସାହାରପଡ଼ା ବ୍ଲକକୁ ଜିଲାପାଳ ଜନ ଶୁଣାଣିକୁ ଆସୁ ଥିବା ବେଳେ ଦୁର୍ଘଟଣା ଘଟାଇଛି । ଏହି ଅଧିକାରୀ ବାବୁ ଜଣକ ନିଜର ମଣିଷପଣିଆ ଭୁଲି ଘଟଣାସ୍ଥଳରୁ ଅନ୍ୟ ଏକ ଗାଡ଼ିରେ ଚାଲିଯିବା ସ୍ଥାନୀୟ ଲୋକେ ମଧରେ ଅସନ୍ତୋଷ ଦେଖା ଦେଇଥିଲା ।

## ପାଳଗଦା ତଳୁ ନବଜାତ ଶିଶୁ କନ୍ୟା ଉଦ୍ଧାର: ଶିଶୁଟିର ଜନନୀକୁ ନେଇ ରହସ୍ୟ ଜାରି

ଦଶପଲ୍ଲା, ( ମହାଭାରତ ) : ଦଶପଲ୍ଲା ଏନ୍ ?ଏସି ଅଧୀନସ୍ଥ ୧୬ ନମ୍ବର ୱାର୍ଡ ଖଣ୍ଡପଡ଼ା ଗ୍ରାମର ପାଳଗଦା ତଳୁ ଏକ ନବଜାତ ଶିଶୁକନ୍ୟା ଉଦ୍ଧାର ହୋଇଛି । ଶିଶୁଟିର ଓଜନ ଅଢ଼େଇ କେଜି ଥିବାବେଳେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ତାକୁ ଚିକିତ୍ସା କରୁଥିବା ଶିଶୁ ବିଶେଷଜ୍ଞ ଡ଼ା. ସିଦ୍ଧାନ୍ତ ଦାଶ ଓ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ସନ୍ଦୀପ କୁମାର ସ୍ୱାଇଁ କହିଛନ୍ତି । ଶିଶୁଟିର କେହି ଦାବିଦାର ନଥିବାରୁ କାହାକୁ ଦିଆଯିବ ସେ ନେଇ ଦୋଛକିରେ ପଡ଼ିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଅନ୍ୟ ପକ୍ଷରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଗତକାଲି ଖଣ୍ଡପଡ଼ା ଗ୍ରାମରେ ଜଣେ ମହିଳାଙ୍କ ଡାକ୍ତରଖାନା ରେ ମୃତ୍ୟୁ ହୋଇଥିଲା । ମହିଳାଙ୍କ ମୃତ୍ୟୁର ୨୪ ଘ[। ପରେ ଆଜି ପୂର୍ବାହ୍ନ ୧୧ଟା ସମୟରେ ଉକ୍ତ ମହିଳାଙ୍କ ପଡ଼ୋଶୀ ଙ୍କ ଖଳାରେ ଥିବା ଏକ ପାଳଗଦା ତଳେ ଶିଶୁଟି କାନ୍ଦିବାର ଶବ୍ଦ ଶୁଣାଯାଇଥିଲା । ତାଙ୍କ ପରିବାର ଲୋକ ନବଜାତ ଶିଶୁ କନ୍ୟାକୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ମୃତ ମହିଳାଙ୍କ ସ୍ୱାମୀ ପତ୍ନୀଙ୍କ ଗର୍ଭଧାରଣ ସମ୍ପର୍କରେ ଜାଣି ନଥିବା କହୁଥିବା ବେଳେ ଏହି ଶିଶୁ କନ୍ୟାଟି ତାଙ୍କର ବୋଲି ଅନ୍ୟ କିଛି ଲୋକ ଆଲୋଚନା କରୁଛନ୍ତି । ଏପଟେ ଅଧିକ ଚିକିତ୍ସା ପାଇଁ ଆଜି ସନ୍ଧ୍ୟାରେ ଶିଶୁଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ମହିଳାଙ୍କୁ ଗତକାଲି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିବାର କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା ଓ ଏ ସମ୍ପର୍କରେ ପୁଲିସକୁ ରିପୋର୍ଟ କରାଯାଇଥିବା ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡ଼ାକ୍ତର ନବ କିଶୋର ସାହୁ କହିଛନ୍ତି । ଏହା ପରେ ଶିଶୁ କନ୍ୟା ଉଦ୍ଧାର ସମ୍ପର୍କରେ ମଧ ପୁଲିସକୁ ସୂଚନା ଦିଆଯାଇଥିଲା । ତେବେ ଏ ଦିଗରେ ପୁଲିସ କୌଣସି ତଦନ୍ତ ଆରମ୍ଭ କରି ନାହିଁ । ଏହି ଘଟଣା ସମ୍ପର୍କରେ ଥାନା ପକ୍ଷରୁ ତାଙ୍କୁ କୌଣସି ସୂଚନା ଦିଆଯାଇ ନଥିବା ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି ।

## ମାତିଛନ୍ତି ଫେକ୍ ଫେସବୁକ ଆକାଉଂଟଧାରୀ: ସାମାଜିକ ଗଣମାଧ୍ୟମରେ କରୁଛନ୍ତି ଚରିତ୍ର ସଂହାର

ଯାଜପୁର, (ମହାଭାରତ): ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଏବେ ଫେକ ଫେସବୁକ ଆକାଉ[ଧାରୀଙ୍କ ପାଇଁ ହଟ୍ସଟ୍ ପାଲଟିଛି । ସାମାଜିକ ଗଣମାଧ୍ୟମରେ ସେମାନଙ୍କ ଉପଦ୍ରବ ଏମିତି ବଢ଼ି ଚାଲିଛି ଯେ, ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି । ପରିସ୍ଥିତି ଏମିତି ହୋଇଛି ଯେ ବ୍ୟକ୍ତିଗତ ସ୍ତରକୁ ଯାଇ ଚରିତ୍ର ସଂହାର କରିବା ସହ ମାଆ ଭଉଣୀଙ୍କୁ ମଧ ଅଶାଳୀନ ମନ୍ତବ୍ୟ ଦେବାକୁ ପଛାଉ ନାହାଁନ୍ତି । ରାଜନୈତିକ ଆକ୍ରୋଶ ସମ୍ବଳିତ ପୋଷ୍ଟ ହେଉ ଅବା ବ୍ୟକ୍ତି କେନ୍ଦ୍ରିକ ପ୍ରତ୍ୟକ କ୍ଷେତ୍ରରେ ଅସମ୍ବେଦନଶୀଳ ପୋଷ୍ଟ ସାମାଜିକ ଗଣମାଧ୍ୟମରେ ଦେଖିବାକୁ




ମିଳୁଛି । ନିଜ ନିଜର ପତିଆରା ଜାହିର କରିବା ପାଇଁ ଏମିତି ଫେକ ଫେସବୁକ ଆକାଉ[କୁ ବ୍ୟବହାର କରାଯାଉଛି ବୋଲି ଆଲୋଚନା ହେଉଛି । ସବୁଠାରୁ ବଡ଼ କଥା ହେଉଛି ଯେ ଏମିତି ଅସମ୍ବେଦନଶୀଳ ଘଟଣା ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହେଉଥିବାରୁ ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଏନେଇ ବିରକ୍ତି ଭାବ ଦେଖାଇଛନ୍ତି । ଫେକ ଆକାଉ[ ଖୋଲି ଏମିତି କଦର୍ଯ୍ୟ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲ୍ଲା ରେ ଥିବା ସାଧାରଣ ଲୋକ ଦାବି କରିଛନ୍ତି । ସାଧାରଣ ରେ ଦାବି କି ମୋବାଇଲ ଏବେ ସମସ୍ତ ଙ୍କ ହାତରେ ଥିବା ବେଳେ କିଛି କିଛି ପୋଷ୍ଟ ରେ ବହୁ କଦର୍ଯ୍ୟ ଭାଷା କହୁଥିବା ଯୋଗୁଁ ଛୋଟ ପିଲା ଙ୍କ ଉପରେ କୁପ୍ରଭାବ ପଡୁଥିବା ଯୋଗୁଁ ଏଥି ପ୍ରତି ଦୃଷ୍ଟି ଦେବାକୁ ପ୍ରଶାସନ ପକ୍ଷରୁ ଫେକ ଆକାଉ[ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏହାର ବ୍ୟବହାରରେ ରୋକ୍ ଲାଗି ପାରିବ ଯଥା ଫଳରେ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବିଶେଷ ସୂତ୍ରରୁ ଜଣାପଡ଼ିଛି କି? ଏହି ସବୁ ଫେକ ଆଇଡି ଗୁଡିକ ନିଜକୁ ଆତ୍ମଘୋଷିତ ପରିବେଶ ବିତି, ସମାଜସେବୀ, ବିରୋଧୀ ଦଳ,ସରକାରୀ ଦଳର ଦୁର୍ବଳ ନେତୃତ୍ୱ ଓ କିଛି ଶିଳ୍ପ ସଂସ୍ଥା ରେ କାର୍ଯ୍ୟ କରୁଥିବା ନଷ୍ଟ ଚରିତ୍ର ର ଶ୍ରମିକ ନେତା ବୋଲି ସାଧାରଣରେ ଆଲୋଚନା ହେଉଛି । ଆଗକୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ଶାନ୍ତ ପରିବେଶ କୁ ଅଶାନ୍ତ କରିବା ପାଇଁ ଚେଷ୍ଟା କରୁଥିବା ବେକ ଆଇଡି ଗୁଡିକ ନିଜ ତରଫରୁ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ମଧ ସାଧାରଣ ରେ ଆଲୋଚନା ହେଉଛି । ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀରେ ସମ୍ମାନିତ ହେଲେ ବରିଷ୍ଠ ଆଇନଜୀବୀ



ଆସିକା,(ମହାଭାରତ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟ ଜନ୍ମତିଥି ଆସିକା ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଆସିକା ଓକିଲ ସଂଘର ସଭାପତି ଅଜିତ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ପ୍ରବୀର କୁମାର ଚୌଧୁରୀ, ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନୀ ବିଶ୍ୱାଳ,ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା,ସରୋଜ କୁମାର ତ୍ରିପାଠୀ, ଲଳିତ ମୋହନ ଦାସ, ଇନ୍ଦ୍ରମୋହନ ସ୍ୱାଇଁ,ପି.ରବି କୁମାର ପାତ୍ର, ଯୁବ ଆଇନଜୀବୀ ସସ୍କୃତ କୁମାର ପଣ୍ଡା, ଆସିକା ଓକିଲ ସଂଘର ସମ୍ପାଦକ ନାରାୟଣ ମୁନି, ଉପସଭାପତି ଛବିଲରାମ ମିଶ୍ର,ଯୁଗ୍ମ ସମ୍ପାଦକ ମାନସ ଆଚାର୍ଯ୍ୟ ପ୍ରମୁଖ ପ୍ରଥମେ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ପରେ ଉପସ୍ଥିତ ଅତିଥି ମାନେ ଆଇନଜୀବୀ ଦିବସ ପାଳନର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରି ସହ ତ୍ୟାଗ, ନିଷ୍ଠା ଓ ସାଧନା ଯୋଗୁଁ ଆଜି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହୋଇପାରିଛି ବୋଲି ଅତିଥିମାନେ କହିଥିଲେ ।ଏହି ଅବସରରେ ବରିଷ୍ଠ ଆଇନଜୀବି ଇନ୍ଦ୍ରମୋହନ ସ୍ୱାଇଁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଓକିଲସଂଘର ସଦସ୍ୟ ବିଦେଶୀ ନାହାକ, ସନ୍ତୋଷ କୁମାର ମିଶ୍ର, ପି.ଶିବ ଶଙ୍କର ପାତ୍ର, ମହେଶ୍ୱର ବେହେରା, ପ୍ରଭାତ କୁମାର ପାଢ଼ୀ, ଦ୍ୱାରିକା ନାଥ ପରିଡ଼ା, ସରତେନ୍ଦୁ ପଣ୍ଡା, ପୂର୍ଣଚନ୍ଦ୍ର ନାୟକ, ଦେବେନ୍ଦ୍ର ନାଥ ପାଢ଼ୀ, ଅମର କୁମାର ବିଶ୍ୱାଳ,ଶରତ ଚନ୍ଦ୍ର ପାଢ଼ୀ, ସୁଧାଂଶୁ କୁମାର ପାଣିଗ୍ରାହୀ, କାଳୁଚରଣ ଜେନା, ରୁଦ୍ର ପ୍ରସାଦ ପାଣିଗ୍ରାହୀ, ନୀଳାମ୍ବର ବେହେରା, ଦେବରାଜ ମିଶ୍ର,ଶିବ ଶଙ୍କର ମହାନ୍ତି, ଶିବ ପ୍ରସାଦ ମହାପାତ୍ର, ପି.ଚନ୍ଦ୍ରଶେଖର ପାତ୍ର,ନାରାୟଣ ହୋତା, ପ୍ରିୟଂଶୁ ଶେଖର ପରିଡ଼ା, ଅରୁଣ କୁମାର ପଣ୍ଡା, ଏନ୍,ଯଜ୍ଞେଶ୍ୱର ଆଗରୀ, ଅଜିତ କୁମାର ମୁନି, ସୁଧୀର କୁମାର ତ୍ରିପାଠୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଡେରଙ୍ଗ ଗ୍ରାମବାସୀଙ୍କ ପକ୍ଷରୁ ଦୁଇ ଜଣ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



କଣିହାଁ (ମହାଭାରତ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଡେରଙ୍ଗ ମଝି ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହେଡ଼ ଶିକ୍ଷକ ଭାବେ ରମେଶ ଚନ୍ଦ୍ର ପ୍ରଧାନ ଏବଂ ଶିକ୍ଷୟତ୍ରୀ ସଂଗୀତ ସାହୁଙ୍କୁ ଡେରଙ୍ଗ ଗ୍ରାମ ବାସୀଙ୍କ ପକ୍ଷରୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବା ଜଣା ପଡିଛି। ଛେଣ୍ଡିପଦା ବ୍ଲକ ଚାଙ୍ଗୁଡ଼ିଆ ଗ୍ରାମର ରମେଶ ଚନ୍ଦ୍ର ପ୍ରଧାନ ଏବଂ କଣିହାଁ ବ୍ଲକ ଡେରଙ୍ଗ ଗ୍ରାମର ଶିକ୍ଷୟତ୍ରି ସଂଗୀତା ସାହୁ ଡେରଙ୍ଗ ମଝି ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷା ଦାନ କରୁଥିଲେ। ମାର୍ଚ୍ଚ ମାସ ୨୦୨୫ରେ ତାଙ୍କର ସରକାରୀ ଚାକିରୀ ରୁ ଅବସର ନେଇଥିବା ବେଳ, ସେହି ସ୍କୁଲର ହେଡ଼ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ , ୨୦୨୫ ଏପ୍ରିଲ ୩୦ ତାରିଖରେ ଶିକ୍ଷକତା କାର୍ଯ୍ୟ କାଳ ଶେଷ ହେଉଥିବାରୁ ଉଭୟ ଶିକ୍ଷକ ଙ୍କୁ ଡେରଙ୍ଗ ଗ୍ରାମ ସଭାପତି ଏବଂ ସମ୍ପାଦକ ସୁଜିତ ସାହୁ, କୋଷାଧକ୍ଷ ଦୀପକ ବେହେରା,ଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ଗ୍ରାମବାସୀ ସ୍କୁଲ ଠାରେ ଏକତ୍ରିତ ହୋଇ ଏକ ବୈଠକ ବସିଥିଲା, ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ଦୀର୍ଘ ବର୍ଷ ଧରି ଡେରାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ନିରଙ୍କୁଶ,ଶିକ୍ଷା ଦାନ କରିବା ସହିତ ଜଣେ ଛାତ୍ର ବତ୍ସଳ, ଏବଂ ଛତ୍ର, ଛାତ୍ରୀ ଙ୍କୁ ଉଚ୍ଚ ମାନର ଶିକ୍ଷା ଦାନ କରିଆସି ଥିବାରୁ ଅବସର କାଳୀନ ବୈଠକ ରେ ଗ୍ରାମର ବୁଦ୍ଧିଜୀବୀ ମାନେ ଉଚ୍ଚ ପ୍ରଶଂସା କରିଥିଲେ। ସାର ଜଣେ ଉଚ୍ଚ କୋଟିର ମଣିଷ ନିଆରା ଢଙ୍ଗରେ ,ସେ ଶିକ୍ଷା ଦାନ କରି କଠିନ କାର୍ଯ୍ୟ କୁ ସରଳ ଉପାୟରେ କାର୍ଯ୍ୟ ନିର୍ବାହ କରୁଥିଲେ ବୋଲି ,ବୈଠକରେ ଗ୍ରାମ ସଭାପତି ପ୍ରଶ୍ନ ନାଏକ ପ୍ରକାଶ କରିଥିଲେ। ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଙ୍କୁ ସ୍କୁଲ ପକ୍ଷରୁ ଏକ ଅବସର କାଳୀନ ଭୋଜି ଭାତର ଆୟୋଜନ କରାଯାଇ ଥିଲା, ଶେଷରେ ଗ୍ରାମ ବାସୀଙ୍କ ପକ୍ଷରୁ ଉଭୟ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଙ୍କୁ ଙ୍କୁ ଉତ୍ତରୀ ସହିତ ଫୁଲ ତୋଡ଼ା ଓ ଗିଫ୍ଟ ଦେଇ, ବୈଠକ ରେ ଉପସ୍ଥିତ ଅବସର ଶିକ୍ଷକ ମହେଶ୍ୱର ମହାନ୍ତି, ପରମା ନନ୍ଦ ସାହୁଙ୍କ ସହିତ ସେହି ସ୍କୁଲ ର କାର୍ଯ୍ୟରତ ଶିକ୍ଷୟତ୍ରୀ ମିନାକ୍ଷୀ ପ୍ରଧାନ, ରଞ୍ଜିତା ମାଝୀ, ସିମା ସାହୁ,ଙ୍କ ସାହିତ ଅନେକ ଶିକ୍ଷକ ସକ୍ଷୟତ୍ରୀ ଛତ୍ର, ଛାତ୍ରୀ ଗ୍ରାମ ବାସୀଙ୍କ ସହିତ ମିସି ଢୁଲ ଦୁଲ ଦୁଲି ଶିଙ୍ଗ ବାଜା ଆତସ ବାଜିରେ ଶତାଧିକ ଲୋକ ଏକ ବିରାଟ ପାଟୁର ରେ ବାହାରି ଡେରଙ୍ଗ ଗ୍ରାମ ପରୀକ୍ରମା କରି ଗ୍ରାମର ଶିବ ମନ୍ଦିର ଠାରେ ପହଞ୍ଚି ବାବା ଧବଳେଶ୍ୱର ଠାକୁର ଙ୍କୁ ଦର୍ଶନ କରି, ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ, ଏବଂ ଶିକ୍ଷୟତ୍ରୀ ସଂଗୀତା ସାହୁଙ୍କୁ ଗ୍ରାମବାସୀ ଅବସର କାଳୀନ ବିଦାୟ ଜଣାଇଥିଲେ।

## ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ

ଗଣିଆ,(ମହାଭାରତ): ନୟାଗଡ ଜିଲ୍ଲା ଗଣିଆ ବ୍ଲକ ସଭା ଗୃହରେ ସୋମବାର ଦିନ ଜିଲ୍ଲାପାଳ ଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସିଡିଓ ଲଗ୍ନଜିତ ରାଉତ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମରଦାର, ଏସ ଡ଼ି ପି ଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ସି ଡ଼ି ଏମ ଓ ସୁଶାନ୍ତ କୁମାର ଦାସ,ବିଡ଼ିଓ ସାଗର କୁମାର ନନ୍ଦ , ତହସିଲଦାର ପ୍ରତିବାଳା ରଣକ୍ଷଙ୍କ ଉପସ୍ଥିତିରେ ଶୁଣାଣି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ସମସ୍ତ ବିଭାଗୀୟ ଅଧିକାରୀ ଗଣିଆ ଥାନା ଅଧିକାରୀ ଲକ୍ଷଣ ଦଣ୍ଡସେନା, ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ରାଉତରାୟ, ମେଡିକାଲ ଅଫିସର ମଧୁସୂଦନ ଦାଶ, ବନ ବିଭାଗ ଓ ଅନ୍ୟ ସମସ୍ତ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ଥିଲେ ।ଆଜି ମୋଟ ୨୪ ଗୋଟି ମାମଲା ମଧ୍ୟରୁ ବ୍ୟକ୍ତିଗତ ୨୨ ଗୋଟି ମାମଲା, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ୧ ଗୋଟି ମାମଲା, ଗ୍ରାମ୍ୟ ବିବାଦ ୧ ଗୋଟି ମାମଲା ଦରଖାସ୍ତ ହୋଇଥିଲା ବେଳେ ତୁରନ୍ତ ୧୭ ଗୋଟି ମାମଲା ତୁରନ୍ତ ଫଇସଲା ହୋଇଥିଲା।

# ଚୋରଙ୍କ ପାଇଁ ସ୍ୱର୍ଗ ପାଲଟିଛି ପରିତ୍ୟକ୍ତ ଚିନିକଳ

# ୯ କ୍ୱିଣ୍ଟାଲ୍ ଚୋରା ଲୁହା ଜବତ, ୨ ଫେରାର

ନୟାଗଡ଼, ( ମହାଭାରତ ) : ନାନା ଅଡୁଆରେ ଛନ୍ଦି ହୋଇ ବନ୍ଦ ପଡ଼ିଥିବା ଚିନିକଳ ଏବେ ଚୋର ମାନଙ୍କ ପାଇଁ ସ୍ୱର୍ଗ ପାଲଟିଛି। ଧୀରେ ଧୀରେ ସମସ୍ତ ଯନ୍ତ୍ରପାତି ଏଠାରୁ ଗାୟବ ହୋଇ ଚାଲିଥିବା ବେଳେ ସମସ୍ତେ ସବୁଜାଣି ଚୁପ୍ ରହୁଛନ୍ତି। କେବଳ ଲୁହା ଯନ୍ତ୍ରାଂଶ କାହିଁକି ମୂଲ୍ୟବାନ ଗଛ ଗୁଡ଼ିକୁ ମଧ୍ୟ ଚୋରମାନେ ଲୁଟି ଚାଲିଛନ୍ତି। ଗତକାଲି ସଦର ଥାନା ପୁଲିସ ଜବତ କରିଥିବା ଏକ ଲୁହା ବୋଝେଇ ପିକ୍ଅପକୁ ନେଇ ଏବେ ଜୋରଦାର ଚର୍ଚ୍ଚା ଚାଲିଛି। ଏହି ପିକ୍ଅପ୍ରେ ୯ କ୍ୱିଣ୍ଟାଲ୍ ରୁ ଊର୍ଦ୍ଧ୍ୱ ଓଜନର ଲୁହା ଯନ୍ତ୍ରାଂଶ ଜବତ ହୋଇଥିବା ବେଳେ ପୁଲିସକୁ ଦେଖି ଗାଡ଼ିରେ ଥିବା ଦୁଇ ଜଣ ଫେରାର ହୋଇ ଯାଇଛନ୍ତି। ଫେରାରଙ୍କ ମଧ୍ୟରେ ଜଣେ ପିକଅପ୍ ଚାଳକ ହୋଇଥିବା ବେଳେ ଅନ୍ୟ ଜଣେ ଗାଡ଼ି ମାଲିକ ନା ଅନ୍ୟ କେହି, ଏହାର ଏବେ ଖୋଳତାଡ଼ ଚାଲିଛି। ବିଶେଷ କରି ଜବତ ହୋଇଥିବା ପିକ୍ଅପ୍ ଭ୍ୟାନରୁ ଏବେ ମାଲିକଙ୍କୁ ସଦର ଥାନା ପୁଲିସ ଖୋଜୁଥିବା ଜଣାପଡ଼ିଛି। ୨୦୧୪ରୁ ନୟାଗଡ଼ ଚିନିକଳ ଅଚଳ ହୋଇପଡ଼ିଥିଲେ ମଧ୍ୟ ଏହାର ପରିଚାଳନା ଦାୟିତ୍ୱ ନେଇଥିବା ତ୍ରୈଲୋକ୍ୟ ମିଶ୍ର



ଘରୋଇ ଭାବେ ସୁରକ୍ଷା ବ୍ୟବସ୍ଥା କରିଥିଲେ। କିନ୍ତୁ ଜିଲ୍ଲା ପ୍ରଶାସନ ୨୦୨୦ ମାର୍ଚ୍ଚରେ ଚିନି କଳକୁ ସିଲ୍ କରିବା ପରେ ଶ୍ରୀ ମିଶ୍ର ସୁରକ୍ଷା ଦାୟିତ୍ୱରୁ ଓହରି ଯାଇଥିଲେ। ଚିନି କଳରୁ ବାରମ୍ବାର ଚୋରି ଖବର ପାଇବା ପରେ ଶ୍ରୀ ମିଶ୍ର ଏହାର ସୁରକ୍ଷା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଠାରେ ସିସିଟିଭି କ୍ୟାମେରା ଲଗାଯିବା ସହ ସୁରକ୍ଷାକର୍ମୀ ମୁତୟନ କରାଯାଇଥିଲା। ମାସେ ଦୁଇ ମାସରେ ସମସ୍ତ ସିସିଟିଭି କ୍ୟାମେରା ଅଚଳ ହୋଇପଡ଼ିଥିଲା। ଏହାର ମରାମତି କରାଗଲା ନାହିଁ କି ନୂତନ କ୍ୟାମେରା ମଧ୍ୟ ଲଗାଯାଇ ନାହିଁ। ଧର୍ମକୁ ଆଖି ଠାର ନ୍ୟାୟରେ ରାତିରେ ହାତଗଣତି କେତେ ଜଣ ସୁରକ୍ଷା କର୍ମଚାରୀ ଯାଉଛନ୍ତ। ଚିନିକଳ ଭଳି ବ୍ୟାପକ ଅଞ୍ଚଳ ନିମନ୍ତେ ସୁରକ୍ଷା କର୍ମୀଙ୍କ ସଂଖ୍ୟା ସମୁଦ୍ରକୁ ଶଙ୍ଖ ଭଳି ଜିଲ୍ଲା ପ୍ରଶାସନ ଓ ସଦର ଥାନା ପୁଲିସ ଚିନି କଳର ସୁରକ୍ଷା ନେଇ ଆଖି ବୁଜି ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଚିନି କଳକୁ ନେଇ କୌଣସି ସ୍ୱଷ୍ଟ ଚିତ୍ର ଆସୁ ନାହିଁ। ଏହା କେବଳ ଆଲୋଚନାରେ ସୀମିତ ରହିଛି। ଏହାର ସୁଯୋଗ ଦେଇ ମାଫିଆ ମାନେ ସେଠାରୁ ରୀତିମତ ଭାବେ ଚୋରି କରି ଚାଲିଛନ୍ତି। ରାତିରେ ସେମାନେ ଲୁହା ଉପକରଣ ଗୁଡ଼ିକୁ କାଟି ରଖୁଥିବା ବେଳେ ଦିନ ସମୟରେ ଗାଡ଼ିରେ ଏହାକୁ ବୋହି ନେଉଛନ୍ତି। ଏ ସମ୍ପର୍କରେ ପୁଲିସ କିଛି ବି ଟେର୍ ପାଉ ନାହିଁ। ଆଉ ଯେତେବେଳେ ନଜରକୁ ଆସୁଛି, ସେତେବେଳେ ପଦକ୍ଷେପ ନିଆଯାଉଛି। ମାତ୍ର ପୁଲିସର ଏହି ଗିରଫଦାରୀର ପ୍ରଭାବ ଚୋର ମାନଙ୍କ ଉପରେ ପଡୁ ନାହିଁ। ଏଣୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଚିନି କଳର ସୁରକ୍ଷା ପାଇଁ ଉଭୟ ପୁଲିସ ଓ ପ୍ରଶାସନ ପଦକ୍ଷେପ ନେବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ନୟାଗଡ଼ରେ କାଳବୈଶାଖୀ ର ତାଣ୍ଡବ

## ଦୁଇ ଦିନ ମଧ୍ୟରେ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି



ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ କାଳବୈଶାଖୀ ର ତାଣ୍ଡବ। ଦୁଇ ଦିନ ମଧ୍ୟରେ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି। ଝଡ଼ ବର୍ଷା ପବନ ସାଙ୍ଗକୁ କୁଆ ପଥର ମାଡ଼ ଫଳରେ କାଲି ଅପରାହ୍ନରେ ନୟାଗଡ଼ ସହରରେ ପ୍ରବଳ ମାତ୍ରାରେ ପବନ ହେବାରୁ ବଡ ବଡ ଗଛ ଭାଙ୍ଗି ପଡି ରାସ୍ତା ଅବରୋଧ ହୋଇଥିଲା। ନୟାଗଡ଼ ସହରର ରୁ ଓଡ଼ଗାଁ ଦେଇ ରାଜ୍ୟ ରାଜପଥ ର ଗଞ୍ଜାମ ଜିଲ୍ଲା କୁ ସଂଯୋଗ କରିଥିବା ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ର ଡ଼ାଳ ଭାଙ୍ଗି ପଡ଼ିବା ରୁ ଯାତାୟାତ ଠପ୍ ହୋଇଯାଇଥିଲା। ସେଇଭଳି ଭାବେ ନୟାଗଡ଼ ପିଟିଏସ୍ ଗ୍ରାଉଣ୍ଡ ଏବଂ ରାସ୍ତାରେ ପବନ ଯୋଗୁ ଗଛ ଭାଙ୍ଗି ପଡ଼ିବା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଘଟଣା ସ୍ଥଳରେ ନୟାଗଡ଼ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କଟି ଉଦ୍ଧାର କାର୍ଯ୍ୟ କରିଛନ୍ତି। ସୂଚନା ଅନୁଯାୟୀ କାଲି ଅପରାହ୍ନ ପାଞ୍ଚଟା ସମୟରେ ଆକାଶରେ କଳାହାଣ୍ଡି ମେଘ ମାଡ଼ି ଆସିଲା। ଆଉ ଚାହୁଁ ଚାହୁଁ ପ୍ରବଳ ମାତ୍ରାରେ ବର୍ଷା ଝଡ ତୋଫାନ ସହ ପବନ ବହିବାରେ ଲାଗିଲାୟ କୁଆ ପଥର ମାଡ଼ ସାଙ୍ଗକୁ ପ୍ରବଳ ମାତ୍ରାରେ ପବନ ବହିବା ଫଳରେ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ ବଡ ଗଛ ଭାଙ୍ଗି ପଡ଼ିଥିବାରୁ ବିଭିନ୍ନ ରାସ୍ତା ଦୀର୍ଘ ସମୟ ଧରି ଅବରୋଧ ହୋଇଥିଲା। ବିଦ୍ୟୁତ ଖୁଣ୍ଟି ଏବଂ ତାର ମଧ ଛିଡି ପଡ଼ିବାରୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି। ଝଡ ତୋଫାନରେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିବା ସାଙ୍ଗକୁ ଅନେକ ସ୍ଥାନରେ ଦୋକାନ ଗୁଡ଼ିକ ର ସାଇନ୍ ବୋର୍ଡକୁ ଉଠାଇ ନେଇଛି।

## ପାନୀୟ ଜଳ ଓ ଅଂଶୁଘାତ ଅନ୍ତର୍ଗତ ବୈଠକ



ବିଷମ କଟକ/ମହାଭାରତ :ରାୟଗଡ଼ା ଜିଲ୍ଲା ବିଷମକଟକ ପଞ୍ଚାୟତ ସମିତି ସଦଭାବନା ସଭାଗୃହ ଠାରେ ମାନନୀୟ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀହାର ରଞ୍ଜନ କହଁର ଙ୍କ ଅଧ୍ୟକ୍ଷତାରେ ପାନୀୟଜଳ ଓ ଅଂଶୁଘାତ ଅନ୍ତର୍ଗତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପାନୀୟଜଳ ବିଭାଗର ସହାୟକ ଯନ୍ତ୍ରୀ ସମସ୍ତ ବିଭାଗର ତଥ୍ୟ ଗୁଡିକୁ ଉପସ୍ଥାପନ କରିଥିଲେ। ଏହି ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଯଥା- ସ୍ୱାସ୍ଥ୍ୟ ବିଭାଗ, ପ୍ରଣିଧାନ ବିଭାଗ, କୃଷି ବିଭାଗ, ଶିକ୍ଷା ବିଭାଗ, ଶିଶୁ ଉନ୍ନୟନ ବିଭାଗ ଏବଂ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ସମ୍ପ୍ରସାରଣ ଅଧିକାରୀ ଉପସ୍ଥିତ ଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳର ବ୍ୟବସ୍ଥାକୁ ତୁରନ୍ତ ସମାଧାନ କରିବା ନିମନ୍ତେ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗକୁ ସହଯୋଗର ସହ ସୁଚାରୁରୂପେ କାର୍ଯ୍ୟ ନିର୍ବାହ କରିବା ନିମନ୍ତେ ଆଦେଶ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ଆଗାମୀ ବୈଠକରେ ସମସ୍ତ ଅମୀମାଂସିତ କାର୍ଯ୍ୟ ଗୁଡିକ ଯେପରି ସମ୍ପୂର୍ଣ୍ଣ ହୋଇଥିବ ସେଥି ନିମନ୍ତେ ଆଗ୍ରହର ସହ କାର୍ଯ୍ୟ ନିରୂପଣ କରିବା ନିମନ୍ତେ ଆଦେଶ କରିଥିଲେ। ବୈଠକ ପରିସମାପ୍ତି ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲବର୍ଟ ଲାକ୍ରା ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରି ସଭାକୁ ସାଙ୍ଗ କରିଥିଲେ।

## ମଧୁସୁଦନ ଦାସଙ୍କ ୧୭୭ତମ ଜୟନ୍ତୀ ପାଳିତ

ପାରାଦୀପ(ମହାଭାରତ): ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କ ୧୭୭ ତମ ଜନ୍ମ ଜୟନ୍ତୀ ଓ ସ୍ୱାଭିମାନ ଦିବସ ସୋମବାର ଦିନ ପାଳିତ ହୋଇଯାଇଛି। ପାରାଦୀପ ପୌର ପାଳିକା ଓ ପାରାଦୀପ ବାର ଆସୋସିଏସନ ମିଳିତ ସହଯୋଗରେ ପାରାଦୀପ ଦୋଛକି ଠାରେ ଏହି ଜୟନ୍ତୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପାରାଦୀପ ବାର ଆସୋସିଏସନ ଉପ ସଭାପତି ତଥା ପୌର ପରିଷଦ ଅଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ଅଧକ୍ଷତାରେ ପାରାଦୀପ ବାର ଆସୋସିଏସନ ସଭାପତି ତପନ ଦାସ,ଶିଳ୍ପ ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆର ସିଂହ, ଆଇନଜୀବି କୈଳାସ ସାହୁ,ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରି ଉତ୍କଳ ଗୌରବ ମଧୁସୁଦନ ଦାସ ଙ୍କ ସ୍ମୃତି ଚାରଣ କରିଥିଲେ ।ସେହିପରି ଉତ୍କଳ ସମ୍ମିଳନୀ ପାରାଦୀପ ପକ୍ଷରୁ ପାରାଦୀପର ନୂଆ ଷଣ୍ଢକୁଦ ଶାରଳା ବିହାର ଠାରେ ୧୭୭ ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି ।ଉତ୍କଳ ସମ୍ମିଳନୀ ର ସଭାପତି ଧ୍ରୁବ ଚରଣ ମହାପାତ୍ର ପୌରହିତ



କରିଥିଲେ ।ବରିଷ୍ଠ କବୟିତ୍ରୀ ଗୋଲାପ ରାଣୀ ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଜୟନ୍ତୀକୁ ଉଦ୍ଘାଟନ କରିଥିଲେ ।ମଧୁବାବୁଙ୍କ ବହୁମୁଖି ପ୍ରତିଭା ଏବଂ ମାତୃଭୂମି ତଥା ମାତୃଭାଷା ପ୍ରତି ଯେଉଁ ଭଳି ତ୍ୟାଗ ସ୍ୱିକାର କରିଯାଇଛନ୍ତି ତାକୁ କୌଣସି ଓଡ଼ିଆ ଜୀବ ଦଶାରେ ଭୁଲି ପାରିବ ନାହିଁ। ଅନ୍ୟ ମାନଙ୍କ ମଧ୍ୟରେ ଗୋଲାପ ରାଣୀ ସାହୁ,କ୍ଷେତ୍ରମୋହନ ସାହୁ,ସନ୍ତୋଷ କୁମାର ସାମଲ, ତୁଳସୀ ବରାଳ,ଉର୍ମିଳା ମହାନ୍ତି,ଆରତୀ ଦାସ,ନିଳୀମା ପ୍ରିୟଦର୍ଶିନୀ ପ୍ରମୁଖ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିବା ସହିତ କବିତା ପାଠ କରିଥିଲେ ।ଶେଷରେ କଳ୍ପନା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଭିମାନ ଓଡିଶା ପକ୍ଷରୁ ବିକାଶ ମୂଳକ ଆଲୋଚନା ଚକ୍ର

ଆସିକା(ମହାଭାରତ): ସ୍ୱାଭିମାନ ଓଡିଶା ପକ୍ଷରୁ ବିକାଶ ମୂଳକ ଆଲୋଚନା ଚକ୍ର ଆସିକାର ହୋଟେଲ ଏଥର ଠାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଶେରଗଡ଼ ଅଞ୍ଚଳର ଯୁବ ନେତୃତ୍ୱ ଅମ୍ବିକା ପ୍ରସାଦ ପଣ୍ଡା ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ବାଳକୃଷ୍ଣ ପଣ୍ଡା ,ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧିକ୍ଷକ ଯନ୍ତ୍ରୀ ଯାମିନୀ କାନ୍ତ ଦାସ ଆସିକା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ନେତୃ ସ୍ଥାନୀୟ ବ୍ୟକ୍ତି ଯୋଗଦେଇଥିଲେ। ଆସିକା ଅଞ୍ଚଳର ବିକାଶ ମୂଳକ କାମ ଗୁଡିକ କିଭଳି ତ୍ୱରାନ୍ୱିତ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଗଠନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବରିଷ୍ଠ ରାଜନେତା ମନୋରଞ୍ଜନ ପଣ୍ଡା ଆଲୋଚନା କରିଥିଲେ। ସ୍ୱାଭିମାନ, ସଂସ୍କୃତି ଓ ବିକାଶର ବାର୍ତ୍ତା ଦେଇଥିଲେ ମୁଖ୍ୟ ବକ୍ତା ଯାମିନୀକାନ୍ତ ଦାଶ। ଉକ୍ତ ବିକାଶ ମୂଳକ ଆଲୋଚନା ଚକ୍ର ଶ୍ରେଷ୍ଠ ଗଞ୍ଜାମ ଗଠନ ନିମନ୍ତେ ପରିକଳ୍ପନା ହୋଇଥିବା କହିଥିଲେ ସମ୍ମାନିତ ଅତିଥି ସୂର୍ଯ୍ୟକାନ୍ତ ପରିଡା। ଆସିକାରେ ଶିଳ୍ପ ପାଇଁ କ୍ଷେତ୍ର ଅନୁକୂଳ ଥିବାବେଳେ ପ୍ରତିଟି ସରକାରଙ୍କ ଉଦାସୀନତା କାରଣରୁ ବିକାଶ ହେଇପାରିନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ ଉପସ୍ଥିତ ଅତିଥି ଓ ବୁଦ୍ଧିଜୀବୀ। କଳା ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ଅବଦାନକୁ ନେଇ ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ଗର୍ବ ଅନୁଭବ କରିଥିବା ବେଳେ କାହିଁକି ଅନେକ କ୍ଷେତ୍ରରେ ପଛୁଆ ବୋଲି ପ୍ରଶ୍ନ କରିବା ସହିତ ଏହାର ଉତ୍ତର ରଖିଥିଲେ ସଂଗଠନ ସମ୍ପାଦକ ବରୁଣ ପାଢ଼ୀୟଶ୍ରେଷ୍ଠ ଗଞ୍ଜାମ ଅଭିଯାନ ନିମନ୍ତେ ସିଭିଲ ସର୍ଭିସ ପାଠ ପଢିବା ପାଇଁ ମୁକ୍ତରେ ଶିକ୍ଷାଦାନ କରାଇବା ଲକ୍ଷ୍ୟ ରଖାଯାଇଥିବା ନେଇ ଜଣାପଡିଛି। ଉକ୍ତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଜେପି ନେତା ଶୁଭେନ୍ଦୁ ପାଢ଼ୀ,ବିଜେପି ନେତା ରାମକୃଷ୍ଣ ପାଢ଼ୀ, ଉଚ୍ଚନ୍ୟାୟାଳୟ ଓକିଲ ମନୋରଞ୍ଜନ ରଥ, ସାନଖେମୁଣ୍ଡି ବିଜେପି ନେତା ଗଦାଧର ସ୍ୱାଇଁ ସୋରଡ଼ା ବିଜେପି ନେତା ସ୍ୱାଧୀନ ପଣ୍ଡା,ରାମକୃଷ ପାଢ଼ୀ ଙ୍କ ସମେତ ବହୁ ଆଇନଜୀବୀ, ସାମ୍ବାଦିକଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଦନ୍ତା ହାତୀର ମୃତ ଦେହ ଉଦ୍ଧାର ,ମୃତ୍ୟୁ ର କାରଣ ଅସ୍ୱଷ୍ଟ

କରଞ୍ଜିଆ, (ମହାଭାରତ) କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ଶାଳଚୁଆ ଗ୍ରାମ ନିକଟରେ ମଙ୍ଗଳବାର ସକାଳେ ଏକ ଦନ୍ତା ହାତୀ ର ମୃତ୍ୟୁ ଘଟିଛି। ହାତୀ ମୃତ୍ୟୁ ର କାରଣ ଅସ୍ୱଷ୍ଟ ଥିବା ବେଳେ ଘଟଣାସ୍ଥଳ ରେ କେନ୍ଦୁଝର ଜିଲ୍ଲା ଭଣ୍ଡା ପ୍ରାଣୀ ଚିକିତ୍ସାଳୟ ଡାକ୍ତର ବୁଲେଟ ସାହୁ,ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟ ର ଚିକିତ୍ସକ ପ୍ରୀତିପ୍ରଶ୍ନ ସାହୁ, ଡାକ୍ତର କଲ୍ୟାଣୀ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ଶବ କୁ ବ୍ୟବଚ୍ଛେଦ କରିଥିବା ର ଜଣା ପଡ଼ିଛି। ଅପରାହ୍ନ ରେ ବାରିପଦା କାର୍ଯ୍ୟାଳୟ ରୁ ଡି ଏଫ ଓ ତପନ କୁମାର ପରିଡା , କରଞ୍ଜିଆ ଡି.ଏଫ.ଓ ଶ୍ରୀକାନ୍ତ ନାୟକ,ଏସିଏଫ ମଦନମୋହନ ମହାନ୍ତ, ସାତକୋଶିଆ ରେଞ୍ଜର ରବୀନ୍ଦ୍ର କୁମାର ମହାନ୍ତ ସମେତ ବନ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁ ର କାରଣ ଖୋଜୁଛନ୍ତି। ଦନ୍ତା ହାତୀ ର ବୟସ ପାଖାପାଖି ୧୦ ବର୍ଷ ହେବ । ତେବେ ହାତୀ ଟି କିପରି ମୃତ୍ୟୁ ବରଣ କରିଛି ସେ ନେଇ ଶବ ବ୍ୟବଚ୍ଛେଦ ପରେ ହିଁ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବନବିଭାଗ କହିଛି ।ସ୍ଥାନୀୟ ଗ୍ରାମବାସୀ ମାନଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଏହି ମୃତ ଦନ୍ତା ହାତୀଟି କିଛି ଦିନ ହେବ ଏକୁଟିଆ ଶାଳଚୁଆ ଜଙ୍ଗଲ ଭିତରେ ବୁଲୁଥିଲା। ଶାଳଚୁଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପଛ ପଟରେ ଅଳ୍ପ ଦୂରରେ ଥିବା ଏକ ପୋଖରୀ ରେ ମଙ୍ଗଳବାର ସକାଳ ପ୍ରାୟ ୭ ଟା ବେଳେ ଦନ୍ତା ହାତୀ ଟି ପାଣି ପିଇବାକୁ ଆସି ପାଣି ପିଇ ଥିବାର ଲୋକ ମାନେ ଦେଖିଥିଲେ ।ହାତୀ ଟି ସୁସ୍ଥ ଅବସ୍ଥାରେ କିଛି ଦିନ ହେବ ବିଚରଣ କରୁଥିବା ର ଗ୍ରାମବାସୀ ମାନେ କହିଛନ୍ତି ।କିନ୍ତୁ ପରେ ସକାଳ ପ୍ରାୟ ୯ ଟା ସମୟରେ ପୋଖରୀ ଠାରୁ କିଛି ଦୂରରେ ହାତୀ ଟିର ଆକସ୍ମିକ ଭାବରେ ମରି ପଡି ଥିବାର ଲୋକେ ଦେଖି ବନ ବିଭାଗ କୁ ଖବର ଦେଇଥିଲେ।

## ଐତିହାସିକ ଗଣିଆ ଲଙ୍କାପୋଡ଼ି ଯାତ୍ରା ପାଳିତ

ଗଣିଆ, (ମହାଭାରତ): ଆଜକୁ ୫୩ବର୍ଷ ବର୍ଷ ଧରି ନିରଙ୍କୁଶ ଭାବେ ଐତିହାସିକ ଗଣିଆ ଲଙ୍କାପୋଡି ଯାତ୍ରା ଚଳିତ ବର୍ଷ ପ୍ରଥା ଓ ପରମ୍ପରା ଅନୁଯାୟୀ ରାମ ନବମୀ ଠାରୁ ଆରମ୍ଭ ହୋଇଅଛି। ଏହି ଐତିହାସିକ ଯାତ୍ରାର ପ୍ରତ୍ୟେକ ସନ୍ଧ୍ୟା ରାମଲୀଳାର ବିଭିନ୍ନ ପ୍ରସଙ୍ଗ କୁ ଖୋଲା ମଞ୍ଚରେ ପରିବେଷଣ ହୋଇ ଆସୁଥିବା ବେଳେ ମଙ୍ଗଳ ବାର ରାତ୍ର ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଲଙ୍କାପୋଡି ଯାତ୍ରା (ରାବଣ ବଧ) ଅନୁଷ୍ଠିତ ହୋଇଯାଇଅଛି। ଅନ୍ୟପଟେ ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ୨୦ଫୁଟ ଉଚ୍ଚ ବିଶିଷ୍ଟ କାଷ୍ଠ ନିର୍ମିତ ଚଳନକ୍ଷମ ରାବଣ ମୁର୍ତ୍ତି ସହିତ ପୁଷ୍ପକ ବିମାନ । ଅନ୍ୟପକ୍ଷରେ ଦେଖିବାକୁ ମିଳେ ରାବଣ ବଧ ପାଇଁ ରାମଚନ୍ଦ୍ର ପ୍ରେରଣ କରୁଥିବା ବ୍ରହ୍ମାସ୍ତ୍ର ହେଉଛି ଏହାର ମୁଖ୍ୟ ଆକର୍ଷଣ । ଏହା ହେଉଛି ଭାରତ ବର୍ଷର ଅନନ୍ୟ ଘଟଣାୟ ଏଥି ସହିତ ମହାଜ୍ଞାନୀ ରାବଣ କୁ ମହାବୀର ମନ୍ଦିର ନିକଟରୁ ପଟୁଆର କରି ମାଉସୀ ମା



ମନ୍ଦିର ଠାରେ ପହଞ୍ଚିବା ପରେ ସେଠାରେ ରାମଙ୍କ ବ୍ରଂହସ୍ତ୍ର ପ୍ରୟୋଗ ଦ୍ୱାରା ରାବଣ କୁ ବଧ କରାଯାଇଥିଲା । ବାଣ କାର ଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ବାଣ ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଲଙ୍କାପୋଡ଼ି ଯାତ୍ରାକୁ କିଭଳି ସରସ ସୁନ୍ଦର ଭାବେ ଶେଷ କରାଯିବ ସେଥିପାଇଁ ପୁଲିସ ପ୍ରଶାସନ ଏବଂ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଯାତ୍ରା କୁ ଅଧିକ ସରସ କରିବାକୁ ମୀନାବଜାର ଓ ବିଭିନ୍ନ ଦୋକାନ ଖୋଲାଯାଇଥିଲା।

## ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିଯୋଗ ଶୁଣାଣି

ବୌଦ୍ଧ(ମହାଭାରତ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସାମ୍ପୋଚ ପଞ୍ଚାୟତ ରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ମୋଟ ୫୦ ଜଣ ଅଭିଯୋଗ କାରି ଅଭିଯୋଗ ପତ୍ର ଆଣିଥିବା ବେଳେ. ସେଥିମଧ୍ୟରୁ ୪୩ ଟି ବ୍ୟକ୍ତିଗତ, ସାମୁହିକ ୭ ଟି ଅଭିଯୋଗ ଆସିଥିବା ବେଳେ ସେଥି ମଧ୍ୟରୁ ୨୪ ଟି ତତ୍କାଳୀନ ସମାଧାନ ହୋଇଥିଲା । ଶିବିର ରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଦଣ୍ଡ ସେନା, ଏଡିଏମ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରବୀଣ ବଣୁଆ, ବିଡ଼ିଓ ଶରତ ସେଠି, ଏବଂ ଜିଲ୍ଲା ର ବିଭିନ୍ନ ବିଭାଗର ଅଧିକାରୀ, ଙ୍କ ସମେତ ସ୍ଥାନୀୟ ସରପଞ୍ଚ କଲ୍ୟାଣୀ ପ୍ରଧାନ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶେଷଦେବ ଯାନୀ, ପ୍ରମୁଖ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ।

## ଝାନ୍ସୀ-କାନପୁର ହାଇୱେରେ ଦୁର୍ଘଟଣା, ସ୍ୱାମୀ-ସ୍ତ୍ରୀ ମୃତ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶରେ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଦୁର୍ଘଟଣାରେ କାରଟି ଖଣ୍ଡ ଖଣ୍ଡ ହୋଇଯାଇଛି । କାରରେ ଉଭୟେ ସ୍ୱାମୀ-ସ୍ତ୍ରୀ ବାହାଘର ପାର୍ଟି ସାରି ସକାଳେ ଘରକୁ ଫେରୁଥିବା ସମୟରେ ଏପରି ଦୁର୍ଘଟଣା ଦେଖିବାକୁ ମିଳିଥିଲା । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତୁରନ୍ତ ସେମାନଙ୍କୁ ହସ୍ପିଟାଲ ପଠାଯାଇଥିଲା । ହସ୍ପିଟାଲରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ପରେ ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ମୃତକ ସ୍ୱାମୀ – ସ୍ତ୍ରୀ ହେଲେ ଅନିଲ କୁଶୱାହା(୩୦) ଏବଂ ବିନୀତା(୨୮) । ଝାନ୍ସୀ କାନପୁର ହାଇୱେ ସାମ୍ନାରେ ଥିବା ନାରାୟଣ ଢାବା ନିକଟରେ ଏପରି ଅଘଟଣ ଘଟିଛି । ଆଜି ସକାଳେ ପିଲାଙ୍କ ମାମୁଁ ବାହାଘରରେ ଯୋଗ ଦେବା ପାଇଁ ସ୍ୱାମୀ-ସ୍ତ୍ରୀ ତାଙ୍କର ୪ବର୍ଷର ଝିଅ ଓ ଅଢେଇ ବର୍ଷର ପୁଅ ଏବଂ ବିନୀତାଙ୍କ ମା'ଙ୍କୁ ଛାଡି ସେମାନେ ଗାଁକୁ ଫେରୁଥିଲେ । ସେହି ସମୟରେ ତାଙ୍କର ସ୍ୱିପ୍ଟ କାରକୁ ଠିଆ ହୋଇଥିବା ଗାଡି ସହ ଧକ୍କା ଦେଇଥିଲେ । ପରେ କାରଟି ଖଣ୍ଡ ଖଣ୍ଡ ହୋଇଯାଇଥିଲା । ଏହା ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଉପସ୍ଥିତ ଥିବା ଲୋକ ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଏତେ ଜୋରରେ ଧକ୍କା ହୋଇଥିଲା ଯେ, ସେମାନଙ୍କୁ ବାହାର କରିବା କଷ୍ଟକର ହୋଇପଡିଥିଲା । କିଛି ସମୟ ଅତିକ୍ରମ କରିଯିବା ପରେ ଫସି ରହିଥିବା ସ୍ୱାମୀ- ସ୍ତ୍ରୀଙ୍କୁ କାରରୁ ବାହାର କରି ସେମାନଙ୍କ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ପରେ ପୋଲିସ ସେମାନଙ୍କ ମୃତଦେହକୁ ନିଜ ହେପାଜତକୁ ନେଇ ଚିହ୍ନଟ କରିଛି । ଏହା ପରେ, ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା ।

## ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫଙ୍କ ଏକ୍ସ ଆକାଉଣ୍ଟ ଭାରତରେ ବ୍ୟାନ୍

ନୂଆଦିଲ୍ଲୀ : ୨୨ ଏପ୍ରିଲରେ ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢିବାରେ ଲାଗିଛି । ଏହାରି ମଧ୍ୟରେ ସରକାର ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫଙ୍କ ଏକ୍ସ ଆକାଉଣ୍ଟକୁ ଭାରତରେ ବ୍ୟାନ କରିଛନ୍ତି । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ପୂର୍ବରୁ କହିଥିଲେ ଯେ, ପାକିସ୍ତାନ ହାଇ ଆଲର୍ଟରେ ଅଛି ଏବଂ ଏହାର ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ। ସେ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ, ଯଦି ପାକିସ୍ତାନର ଅସ୍ତିତ୍ୱ ପ୍ରତି ସିଧାସଳଖ ବିପଦ ଥାଏ, ତେବେ ଏହା ପରମାଣୁ ଅସ୍ତ୍ର ବ୍ୟବହାର କରିପାରିବ । ତାଙ୍କର ଏଭଳି ବୟାନ ପରେ ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି । ପୂର୍ବରୁ ସରକାର ପାକିସ୍ତାନର ଅନେକ ଶକ୍ଟଙ୍କଞ୍ଜଙ୍କଭର ଚ୍ୟାନେଲ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଗୃହ ମନ୍ତ୍ରଣାଳୟର ସୁପାରିଶ କ୍ରମେ ୧୬ଟି ୟୁଟ୍ୟୁବ୍ ଚ୍ୟାନେଲକୁ ନିଷିଦ୍ଧ କରାଯାଇଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଏହି ଚ୍ୟାନେଲଗୁଡ଼ିକ ଭାରତ, ଏହାର ସେନା ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ବିରୁଦ୍ଧରେ ଉତ୍ତେଜନାପୂର୍ଣ୍ଣ, ମିଥ୍ୟା ଏବଂ ଭ୍ରାମକ ସୂଚନା ପ୍ରସାର କରୁଥିଲେ । ଏହି ଚ୍ୟାନେଲ ମଧ୍ୟରେ ସୋଏବ ଅଖତର ଏବଂ ଆରଜୁ କାଜମୀଙ୍କ ଚ୍ୟାନେଲ ଥିବା ଜଣାପଡିଛି । ଏହାସହ ଡନ ନ୍ୟୁଜ, ଜିଓ ନ୍ୟୁଜ, ଆର୍ଯ୍ୟା ନ୍ୟୁଜ, ସମା ଟିଭି ଏବଂ ବୋଲ ନ୍ୟୁଜର ଚ୍ୟାନେଲ ମଧ୍ୟ ଅଛି । ରଫତାର, ଦ ପାକିସ୍ତାନ, ଜିଏନଏନ୍, ଉଜେର କ୍ରିକେଟ, ଆସମା ଶିରାଜୀ, ମୁନିବ ଫାରୁକ, ଶୁନୋ ନ୍ୟୁଜ, ରାଜି ନାମା ଇତ୍ୟାଦି ସାମିଲ ରହିଛି ।

## କାନାଡ଼ାର ନୂଆ ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାନାଡାର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବା ମାର୍କ କାର୍ନି ଏବଂ ତାଙ୍କ ବିଜୟ ପାଇଁ ଲିବରାଲ ପାର୍ଟିକୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସୋସିଆଲ ମିଡିଆ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ଏବଂ କାନାଡା ମିଳିତ ଗଣତାନ୍ତ୍ରିକ ମୂଲ୍ୟବୋଧ, ଆଇନର ଶାସନ ପ୍ରତି ଦୃଢ଼ ପ୍ରତିବଦ୍ଧତା ଏବଂ ଜନସାଧାରଣଙ୍କ ମଧ୍ୟରେ ଜୀବନ୍ତ ସମ୍ପର୍କ ଦ୍ୱାରା ବନ୍ଧା। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭାଗିଦାରୀକୁ ସୁଦୃଢ଼ କରିବା ଓ ଭାରତ ଏବଂ କାନାଡାର ଲୋକଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ପାଇଁ ସେ ତାଙ୍କ ସହ କାମ କରିବାକୁ ଆଗ୍ରହୀ।

## ମେ' ୧ ଓ ୨ରେ ଜାତୀୟ ଆୟୁଷ ମିଶନ ସମ୍ମିଳନୀ

ନୂଆଦିଲ୍ଲୀ : ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ମେ' ପହିଲା ଓ ୨ ତାରିଖରେ ମହାରାଷ୍ଟ୍ରର ଲୋନାଭାଲାଠାରେ ଜାତୀୟ ଆୟୁଷ ମିଶନ ସମ୍ମିଳନୀ ଆୟୋଜନ କରାଯିବ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ଭାରତରେ ଆୟୁଷ ଭିତ୍ତିକ ସ୍ୱାସ୍ଥ୍ୟସେବାର ଭବିଷ୍ୟତ ଗଠନ ପାଇଁ ଏକ ଜାତୀୟ ମଞ୍ଚ ଭାବରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି। ଆୟୁଷ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ, ସ୍ୱାସ୍ଥ୍ୟ ବୃତ୍ତିଜୀବୀ, ଗବେଷକ ଏବଂ ଉଦ୍ଭାବକମାନଙ୍କୁ ଏକାଠି କରି ଏହି ସମ୍ମିଳନୀରେ ପାରମ୍ପରିକ ଭାରତୀୟ ଔଷଧ ପ୍ରଣାଳୀକୁ ମୁଖ୍ୟସ୍ରୋତର ସ୍ୱାସ୍ଥ୍ୟସେବାରେ ଏକୀକରଣକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ସମ୍ମିଳନୀକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆୟୁଷ ମନ୍ତ୍ରୀ କହିଛନ୍ତି ଯେ ସମଗ୍ର ଦେଶରେ ସୁସ୍ଥତା ଏବଂ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଏକ ସହଯୋଗୀ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଦିଗରେ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏକ ସୁଦୃଢ଼ ଏବଂ ସମନ୍ୱିତ ଆୟୁଷ ଢାଞ୍ଚା ମାଧ୍ୟମରେ ସମସ୍ତଙ୍କ ପାଇଁ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ଆଗକୁ ନେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଛନ୍ତି।

## କାନ୍ଥ ଭୁଷୁଡି ୭ ଜଣଙ୍କ ମୃତ୍ୟୁ

ବିଶାଖାପାଟଣା : ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରେ ବଡ଼ ଅଘଟଣ । ବରାହଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିରରେ ଅଘଟଣ ହୋଇଛି । ଚନ୍ଦନ ଉତ୍ସବ ଚାଲିଥିବା ବେଳେ କାନ୍ଥ ଭୁଷୁଡି ୭ ଜଣଙ୍କ ମୃତ୍ୟୁ ହୋଇଛି । ଆହତଙ୍କୁ ଉଦ୍ଧାର କରି ମେଡକାଲରେ ଭର୍ତ୍ତି କରାଯାଇଛି । ୨୦ ଫୁଟ ଲମ୍ବର କାନ୍ଥ କେମିତି ଭୁସୁଡିଲା ତାହା ଜଣାପଡି ନାହିଁ । ଆଗକୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି ।

# ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ପାକିସ୍ତାନ ସେନାର ପୂର୍ବତନ କମାଣ୍ଡୋ



ପହଲଗାମ ହମଲାର ମାଷ୍ଟରମାଇଣ୍ଡ ହାସିମ ମୁସା । ପହଲଗାମ ନରସଂହାର ପଛରେ ପାକିସ୍ତାନୀ ଆତଙ୍କବାଦୀ ହାସିମ ମୁସା । ପାକିସ୍ତାନ ସେନାର ସ୍ପେଶାଲ ଫୋର୍ସରେ ପୂର୍ବରୁ କମାଣ୍ଡୋ ଥିଲା । ହାସିମ ମୁସା ପାକିସ୍ତାନ ଭିତ୍ତିକ ଲସକର-ଏ-ତଇବାର ଜଣେ ସଦସ୍ୟ । ସେ ଉଭୟ ସୁରକ୍ଷାକର୍ମୀ ଓ ସାଧାରଣ ନାଗରିକଙ୍କ ଉପରେ ହମଲା ପାଇଁ ଜମ୍ମୁ କଶ୍ମୀରକୁ ଆସିଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି । ସମସ୍ତ ପ୍ରକାର ରଣକୌଶଳରେ ପାରଙ୍ଗମ ମୁସା । କଠୋର ତାଲିମ ଜରିଆରେ ନିଜକୁ ପ୍ରସ୍ତୁତ କରିଛି । ପ୍ଲାନିଂ, ଅସ୍ତ୍ର ଯୋଗାଣ, ଟାର୍ଗେଟ ସିଲେକ୍ସନଠୁ ନେଇ ସବୁକିଛି ଦେଖୁଥିଲା ହସିମ ମୁସା । ହସିମ ନାଁରେ ରହିଛି ୬୦ ଲକ୍ଷର ମୁଣ୍ଡ ଜାମିନ । ୧୫ କାଶ୍ମୀର ଓଭରଗ୍ରାଉଣ୍ଡ ୱାର୍କର୍ସ-ଓସିଜିଡବ୍ଲୁଙ୍କୁ ଜେରା ବେଳେ ହାସିମ ମୁସାର ପାକିସ୍ତାନ ସେନା ବ୍ୟାକଗ୍ରାଉଣ୍ଡ ସଂପର୍କରେ ତଥ୍ୟ ସାମ୍ନାକୁ ଆସିଛି । ଆତଙ୍କବାଦୀଙ୍କୁ ତାଲିମ ଏବଂ କିଟ୍ ଯୋଗାଉଥିବା ସଂସ୍ଥାର ଏକ ସଦସ୍ୟ ହେଉଛି ମୁସା । ତେଣୁ ପହଲଗାମ ଆତଙ୍କୀ ହମଲା ପଛରେ ପାକ୍ ଗୁଇନ୍ଦା ସଂସ୍ଥା ଆଇଏସଆଇର ଭୂମିକା ଥିବା ସନ୍ଦେହ କରାଯାଉଛି । ସେହିପରି ଗତବର୍ଷ ଅକ୍ଟୋବରରେ ଗଣ୍ଡେରଓଲ ଓ ବାରମୂଲା ଆତଙ୍କବାଦୀ ଆକ୍ରମଣ ଘଟଣାରେ ମୁସା ଷଡଯନ୍ତ୍ରକାରୀ ବୋଲି ଜଣାପଡ଼ିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣର ଏବେ ତଦନ୍ତ କରୁଛି ଏନଆଇଏ । ଏହି ଆକ୍ରମଣରେ ଓସିଜିଡବ୍ଲୁର ସ୍ଥାନୀୟ ନେଟୱାର୍କ ଓ ଦକ୍ଷିଣ କାଶ୍ମୀରରେ ଆତଙ୍କୀ ପ୍ରୋତ୍ସାହନକାରୀଙ୍କ ସଂପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିଛି । ପାକିସ୍ତାନ ସେନା ଛାଡ଼ିବା ପରେ ମୁସା ପ୍ରତିବନ୍ଧିତ ଲସ୍କର ଏ ତୋଏବାରେ ଯୋଗ ଦେଇଥିଲା । ୨୦୨୩ ସେପ୍ଟେମ୍ବରରେ ସେ ଭାରତରେ ଅନୁପ୍ରବେଶ କରିଥିଲା । ପରେ ବଡ଼ଗାମ ଜିଲ୍ଲାରେ ସେ ବିଭିନ୍ନ ଆତଙ୍କବାଦୀ ଆକ୍ରମଣରେ ସଂପୃକ୍ତ ଥିଲା । ପୂର୍ବରୁ ୨୦୨୪ ଅକ୍ଟୋବରରେ କଶ୍ମୀରର ଗଗନଗିର ଓ ଗଣ୍ଡେରୱାଲରେ ମଧ୍ୟ ମୁସା ଆକ୍ରମଣ କରିଥିଲା । ଏଥିରେ ୬ଜଣ ଅଣ କଶ୍ମୀରଙ୍କ ସହ ଜଣେ ଡାକ୍ତର ପ୍ରାଣ ହରାଇଥିଲେ ।

## ଚୀନ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ, ୨୨ ମୃତ



ନୂଆଦିଲ୍ଲୀ : ଚୀନର ଲିୟାଓନିଂରେ ଏକ ରେଷ୍ଟୁରାଣ୍ଟରେ ନିଆଁ ଲାଗିବା ଯୋଗୁଁ ୨୨ ଜଣଙ୍କ ଜୀବନ ଚାଲିଯାଇଛି । ନିଆଁ ଲାଗିବା ଯୋଗୁଁ ଅତିକମରେ ୩ ଜଣ ଆହତ ହୋଇଛନ୍ତି । ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ । ନିଆଁ ଲାଗିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ରେଷ୍ଟୁରାଣ୍ଟର ଝରକା ଏବଂ କବାଟରୁ ନିଆଁ ବାହାରୁଥିବା ଦେଖି ଅଗ୍ନିଶମ ଟିମକୁ ଖବର ଦିଆଯାଇଥିଲା । ଅଗ୍ନିଶମ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରୁଛି । ତେବେ ଆଗକୁ ମୃତକଙ୍କ ସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି । ନିଆଁ ଲାଗିବା ପରେ ରେଷ୍ଟୁରାଣ୍ଟ ପାଖରେ ଥିବା ବିଲିଡିଂକୁ ଖାଲି କରାଯାଇଛି । ତେବେ ନିଆଁ ପ୍ରଥମେ ରେଷ୍ଟୁରାଣ୍ଟର କିଚେନରେ ଲାଗିଥିବା କୁହାଯାଉଛି ।

## କାନାଡ଼ା ନିର୍ବାଚନରେ ହାରିଲେ ଖଲିସ୍ତାନ ସମର୍ଥକ

ନୂଆଦିଲ୍ଲୀ: କାନାଡ଼ା ନିର୍ବାଚନରେ ହାରିଲେ ଖଲିସ୍ତାନ ସମର୍ଥକ ଶିଖ୍ ନେତା ଜଗମୀତ ସିଂହ। ନିର୍ବାଚନ ହାରିବା ପରେ ସେ ତାଙ୍କ ନିଜ ଦଳ ନ୍ୟୁ ଡେମୋକ୍ରାଟିକ ପାର୍ଟି(ଏନ୍ ?ଡିପି)ର ମୁଖ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ନିଜ ଆସନରୁ ନିର୍ବାଚନ ହାରିବା ପରେ ଏନ୍ ?ଡିପି ଏହି ସାଧାରଣ ନିର୍ବାଚନରେ ଏକ ଅଙ୍କର ସୀମିତ ରହିଯାଇଛି। କାନାଡା ନିର୍ବାଚନରେ ପୁଣିଥରେ ଜଷ୍ଟିନ ଟ୍ରୁଡୋଙ୍କ ଦଳ ବିଜୟୀ ହୋଇଛି।

କାନାଡାରେ ଭୋଟ ସଂଗ୍ରହ ସରିବା ପରେ ସିଂହ ତାଙ୍କର ବ୍ରିଟିଶ କଲମ୍ବିଆ ଆସନ ବର୍ନାବି ସେଣ୍ଟ୍ରାଲ ଆସନରେ ପରାଜୟ ସ୍ୱୀକାର କରିଛନ୍ତି। ମାର୍କ କାର୍ନିଙ୍କ ଲିବରାଲ ପାର୍ଟି ୧୬୦ ରୁ ଅଧିକ ଆସନ ସହିତ ନିର୍ବାଚନରେ ବିଜୟୀ ହୋଇଥିଲେ ମଧ୍ୟ, ଏନଡିପି ମାତ୍ର ୭ ଆସନ ହାତେଇଚି। ଯାହା ଭୋଟ ସେୟାରର ମାତ୍ର ୨ ପ୍ରତିଶତ।

## ସ୍ୱାମୀଙ୍କୁ ଖୋଜୁଛନ୍ତି ଗର୍ଭବତୀ ପତ୍ନୀ: ଯବାନଙ୍କୁ କେବେ ଛାଡ଼ିବ ପାକିସ୍ତାନ ?

ନୂଆଦିଲ୍ଲୀ : ସ୍ୱାମୀ ପାଇଁ ସୀମା ପାର କରିବାକୁ ବି ପଛାଉନି ସ୍ତ୍ରୀ । ଏ ଅବୁଝା ସ୍ତ୍ରୀଟିର ଗୋଟିଏ ଜିଦ ସ୍ୱାମୀଙ୍କୁ ଆଣିବାକୁ ପାକିସ୍ତାନ ଯିବି । ତାଙ୍କୁ ସୁରକ୍ଷିତ ଭାବରେ ଫେରେଇ ଆଣିବି । ପହଲଗାମ୍ ଆକ୍ରମଣ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧର ଆଶଙ୍କା ବଢ଼ିବାରେ ଲାଗିଛି । ଏଭଳି ପରିସ୍ଥିତିରେ ବି ଜଣେ ଗର୍ଭବତୀ ସ୍ତ୍ରୀ ନିଜ ସ୍ୱାମୀ ପାଇଁ ସୀମାକୁ ଯିବାକୁ ବାହାରିଛନ୍ତି । ଆମେ କହୁଛୁ ବିଏସଏଫ ଯବାନ ପୂର୍ଣ୍ଣମ କୁମାର ସାହୁଙ୍କ ପତ୍ନୀ ରଜନୀଙ୍କ ବିଷୟରେ । ଯିଏ ନିଜ ସ୍ୱାମୀଙ୍କ ପାଇଁ ଆଜି କିଛି ବି କରିବା ପାଇଁ ପ୍ରସ୍ତୁତ । ପଞ୍ଜାବର ଫିରୋଜପୁର ଜିଲ୍ଲାରେ ଅନ୍ତର୍ଜାତୀୟ ସୀମାରେ ଏହି ଘଟଣା ଘଟିଛି । ସୀମା ଅତିକ୍ରମ କରିବା ଅଭିଯୋଗରେ ପାକିସ୍ତାନ ରେଞ୍ଜର୍ସଙ୍କ ଦ୍ୱାରା ବିଏସଏଫ ଯବାନ ପୂର୍ଣ୍ଣମ କୁମାରଙ୍କୁ ପାକିସ୍ତାନ ସେନା ଅଟକ ରଖିଛି । ଏବେ ପୂର୍ଣ୍ଣମଙ୍କ ପତ୍ନୀ ରଜନୀ ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବା ପାଇଁ ଖଡଉ ଯାତ୍ରାରେ ବାହାରିଛନ୍ତି । ସ୍ୱାମୀ ଯିବାର ଏତେଦିନ ପରେ ବି କୌଣସି ଖୋଜ ଖବର ନ ମିଳିବାରୁ ଖୋଦ୍ ପତ୍ନୀ ରଜନୀ ଏବେ ତାଙ୍କ ସ୍ୱାମୀଙ୍କୁ ମୁକୁଳେଇବା ପାଇଁ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଘଟଣା ଏପ୍ରିଲ ୨୩ରେ ଘଟିଥିଲା । ଆଉ ସେନା ପକ୍ଷରୁ ୨୪ ତାରିଖ ଦିନ ସୂଚନା ଦିଆଯାଇଥିଲା । ଏପଟେ ଗତ ୨୨ ତାରିଖରେ ପହଲଗାମ ହମଲା ପରେ ଏବେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଯାହା ଯବାନଙ୍କ ପରିବାରର ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ପଶ୍ଚିମବଙ୍ଗର ହୁଗଳି ଜିଲ୍ଲା ରିଶ୍ରାରେ ରହୁଥିବା ପୂର୍ଣ୍ଣମ କୁମାର ବିଏସଏଫରେ ୧୮୨ତମ ବାଟାଲିୟନରେ କାର୍ଯ୍ୟରତ ଥିଲେ । ବିଏସଏଫ ଅଧିକାରୀଙ୍କ କହିବା ଅନୁଯାୟୀ, ସୀମା ନିକଟରେ କୃଷକମାନଙ୍କୁ ସୁରକ୍ଷା ଦେବାକୁ ଯାଇ ପୂର୍ଣ୍ଣମ ଏକ ଗଛ ତଳେ ବିଶ୍ରାମ କରୁଥିଲେ । ସେ ଅଜାଣତରେ ପାକିସ୍ତାନ ସୀମାକୁ ପଶି ଯାଇଥିବା ବେଳେ ତାଙ୍କୁ ପାକ୍ ଯୱାନ ତାଙ୍କୁ କବଜାକୁ ନେଇ ଯାଇଥିଲେ । ୪୦ ବର୍ଷ ବୟସ୍କ ପୂର୍ଣ୍ଣମ ବିଏସଏଫରେ କନେଷ୍ଟବଲ ଭାବେ କାର୍ଯ୍ୟ କରନ୍ତି । ଏହାପରେ ପାକିସ୍ତାନ ରେଞ୍ଜର୍ସ ତାଙ୍କୁ ଅଟକ ରଖି ସୀମା ଚୌକିରୁ ଦୂରକୁ ନେଇ ଯାଇଛନ୍ତି । ଯାହାପରେ ଏବେ ପୂର୍ଣ୍ଣମ ପତ୍ନୀ ତାଙ୍କୁ ମୁକୁଳାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ତେବେ ରଜନୀ ଏବେ ଗର୍ଭବତୀ ଅଛନ୍ତି । ଏହାପରେ ବି ସେ ନିଜ ସ୍ୱାମୀଙ୍କ ପାଇଁ ସୀମା ପାର କରିବାକୁ ଚାହୁଁଛନ୍ତି। ସେ କହିଛନ୍ତି, ମୁଁ ମୋ ସ୍ୱାମୀଙ୍କ ସହ ଶେଷ ଥର ଗତ ମଙ୍ଗଳବାର ରାତିରେ କଥା ହୋଇଥିଲି । ବୁଧବାର ସକାଳ ୬ଟା ବେଳେ ପାକିସ୍ତାନ ରେଞ୍ଜର୍ସ ତାଙ୍କୁ ଆଟକ ରଖିଥିଲେ । ଏତେ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କୁ ମୁକୁଳା ଯାଇ ପାରି ନାହିଁ କିମ୍ବା ତାଙ୍କର କିଛି ଖବର ବି ମିଳି ନାହିଁ । ରଜନୀ କହିଛନ୍ତି କି ମୁଁ କେବଳ ଶୁଣୁଛି ଯେ ଦୁଇ ଦେଶ ଭିତରେ ଖାଲି ଫ୍ଲାଗ ମିଟିଂ ହେଉଛି । ତେଣୁ ରଜନୀ ନିଜ ସମ୍ପର୍କୀୟଙ୍କ ସହିତ ପଞ୍ଜାବର ପଠାନକୋଟ ଓ ଫିରୋଜପୁରକୁ ଆସିଛନ୍ତି । ତାଙ୍କ ସ୍ୱାମୀଙ୍କ ମୁକ୍ତି ପାଇଁ କ'ଣ କରାଯାଉଛି, ସେ ସମ୍ପର୍କରେ ବିଏସଏଫ ଅଧିକାରୀଙ୍କ ଠାରୁ ସ୍ୱଷ୍ଟ ଜାଣିବା ପାଇଁ ସେ ପଠାନକୋଟ ଆସିଛନ୍ତି । ରଜନୀ ରବିବାର ଅମୃତସର ମେଲ ଟ୍ରେନରେ ତାଙ୍କ ଦୁଇ ଭଉଣୀ ଓ ଜଣେ ଭାଇଙ୍କ ସହ ଯାତ୍ରା କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ସ୍ୱାମୀଙ୍କୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ମଧ୍ୟ ଅନୁରୋଧ କରିବବେ । ପାଖାପାଖି ସପ୍ତାହେ ହେବାକୁ ବସିଲାଣି। ହେଲେ ପୂର୍ଣ୍ଣମଙ୍କୁ ନେଇ ଆଉ କିଛି କଥା ଆଗକୁ ଯାଇ ନାହିଁ । ତେଣୁ ଗର୍ଭବତୀ ପତ୍ନୀ ରଜନୀ ନିଜେ ପାକିସ୍ତାନକୁ ବ୍ୟକ୍ତିଗତ ଭାବେ ସ୍ୱାମୀଙ୍କୁ ଛାଡ଼ିବା ପାଇଁ ନିବେଦନ କରିବେ ବୋଲି କହିଛନ୍ତି । ପୂର୍ଣ୍ଣମ ସାହୁ ୧୭ ବର୍ଷ ହେଲା ସେନାରେ କାର୍ଯ୍ୟ କରି ଆସୁଛନ୍ତି । ପୂର୍ଣ୍ଣମ ଓ ରଜନୀଙ୍କର ପୂର୍ବରୁ ଗୋଟିଏ ସନ୍ତାନ ଅଛି । ତେବେ ବର୍ତ୍ତମାନ ଗର୍ଭବତୀ ଥିବା ବେଳେ ତାଙ୍କ ସ୍ୱାମୀ ପାକିସ୍ତାନୀ ସେନାର ହାତରେ ପଡ଼ିବା ଘଟଣା ତାଙ୍କୁ ବିଚଳିତ କରି ଦେଇଛି । ଏବେକାର ପରିସ୍ଥିତି ତାଙ୍କୁ ଆହୁରି ଭୟଭୀତ କରାଇଛି । ଅନ୍ୟପଟେ ଭାରତୀୟ ସେନା ବିଭାଗ ପକ୍ଷରୁ ଯାହା ସୂଚନା ମିଳିଛି କି ତିନି ତିନି ଥର ଆଲୋଚନା ପରେ ମଧ୍ୟ ପାକିସ୍ତାନ ପୂର୍ଣ୍ଣମଙ୍କୁ ଛାଡ଼ିବାକୁ ନାରାଜ । ଏମିତିକି ପୂର୍ଣ୍ଣମଙ୍କର ମୁହଁରେ କପଡ଼ା ବନ୍ଧା ଫଟୋ ରିଲିଜ୍ କରିବା ପରେ ବି ତାଙ୍କ ବିଷୟରେ ଆମେ କିଛି ଜାଣି ନାହୁଁ ବୋଲି କହିଛି । ତେଣୁ ଏସବୁ ଭିତରେ ଆଶଙ୍କାରେ ଅଛନ୍ତି ପୂର୍ଣ୍ଣମଙ୍କ ପରିବାର ଓ ଗର୍ଭବତୀ ପତ୍ନୀ । କାରଣ ଅଭିନନ୍ଦନ ବର୍ତ୍ତମାନଙ୍କ ଭଳି ତାଙ୍କୁ କାଳେ ପାକିସ୍ତାନୀମାନେ ନିର୍ଯାତନା ଦେବେ ସେହି ଭୟ ପରିବାର ଲୋକଙ୍କୁ ଘାରିଛି ।

## କାନାଡ଼ାରେ ନିଖୋଜ ଭାରତୀୟ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ଓଟାୱା: କାନାଡ଼ାରେ ଗତ ୪ ଦିନ ଧରି ନିଖୋଜ ଥିବା ଭାରତୀୟ ଛାତ୍ରୀ ବଂଶିକାଙ୍କ ମୃତଦେହ ଉଦ୍ଧାର ହୋଇଛି। କାନାଡ଼ାରେ ଥିବା ଭାରତୀୟ ଦୂତାବାସ ମଧ୍ୟ ବଂଶିକାଙ୍କ ମୃତ୍ୟୁ ଖବରକୁ ନିଶ୍ଚିତ କରିଛି। ବଂଶିକାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଛି, ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। କାନାଡ଼ା ପୁଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ବଂଶିକା ଆମ୍ ଆଦମୀ ପାର୍ଟି ନେତା ଦେବିନ୍ଦର ସିଂହଙ୍କ ଝିଅ, ଯିଏକି ଆପ୍ ? ବିଧାୟକ କୁଲଜିତ ସିଂହ ରନ୍ଧାୱାଙ୍କ ନିକଟତର ବୋଲି କୁହାଯାଏ। ବଂଶିକା ପଞ୍ଜାବର ଡେରା ବସ୍ସି ନିବାସୀ ଥିଲେ ଏବଂ ପ୍ରାୟ ଅଢ଼େଇ ବର୍ଷ ପୂର୍ବେ ପାଠପଢ଼ିବା ପାଇଁ ସେ କାନାଡା ଯାଇଥିଲେ। ବଂଶିକା ଗତ ଏପ୍ରିଲ ୨୫ ତାରିଖ ସନ୍ଧ୍ୟାରେ ଘର ଦେଖିବା ପାଇଁ ବାହାରିଥିଲେ କିନ୍ତୁ ଆଉ ଫେରି ନଥିଲେ। ଏବେ ତାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ସମୁଦ୍ର କୂଳରୁ ଉଦ୍ଧାର ହୋଇଛି।

## ଉତ୍ତରାଖଣ୍ଡରେ ସୁରକ୍ଷା ବ୍ୟବସ୍ଥା କଡାକଡି



ନୂଆଦିଲ୍ଲୀ : ପହଲଗାମ ଆତଙ୍କୀ ଆକ୍ରମଣ ପରେ ସୁରକ୍ଷାକୁ ନଜରରେ ରଖି ଉତ୍ତରାଖଣ୍ଡରେ ଆରମ୍ଭ ହେଉଥିବା ଚାରଧାମ ଯାତ୍ରା ପାଇଁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଯାତ୍ରା ମାର୍ଗରେ ପ୍ରାୟ ୬ ହଜାର ପୁଲିସକର୍ମୀ, ୧୭ କମ୍ପାନୀ ସଶସ୍ତ୍ର ବାହିନୀ ଓ ୧୦ କମ୍ପାନୀ ଅର୍ଦ୍ଧସୈନିକ ବଳ ନିୟୋଜିତ ହୋଇଛନ୍ତି । ଏହା ବ୍ୟତୀତ ଟ୍ରାଫିକକୁ ସୁଚାରୁ ରୂପେ ପାଳନ କରିବା ପାଇଁ ଚେଷ୍ଟା କରାଯିବ । ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆସନ୍ତାକାଲି ଠାରୁ ଉତ୍ତରାଖଣ୍ଡର ଚାର ଧାମ ଯାତ୍ରା ଆରମ୍ଭ ହେବ। ଉତ୍ତରକାଶୀ ଜିଲ୍ଲାରେ ଅବସ୍ଥିତ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ମନ୍ଦିରର କବାଟ ଖୋଲିବା ସହ ଯାତ୍ରା ଆରମ୍ଭ ହେବ। ରୁଦ୍ରପ୍ରୟାଗ ଜିଲ୍ଲାର କେଦାରନାଥ ମନ୍ଦିରର ଦ୍ୱାର ମେ' ୨ରେ ଖୋଲିବ ଏବଂ ଚମୋଲି ଜିଲ୍ଲାର ବଦ୍ରିନାଥ ଧାମର କବାଟ ମେ' ୪ରେ ଖୋଲିବ। ଚଳିତ ବର୍ଷ ଏହି ତୀର୍ଥଯାତ୍ରା ଅଧିକ ଦିବ୍ୟ ଓ ଭବ୍ୟ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଚଳିତ ବର୍ଷ ଚାରଧାମ ଯାତ୍ରାରେ ରେକର୍ଡ ୬୦ ଲକ୍ଷ ଶ୍ରଦ୍ଧାଳୁ ଆସିବା ଆକଳନ କରାଯାଉଛି । ଗତ ବର୍ଷ ୪୮ ଲକ୍ଷ ଶ୍ରଦ୍ଧାଳୁ ଥିଲେ ।

# ପହଲଗାମ ଆକ୍ରମଣ ପରେ ବଡ଼ ନିଷ୍ପତ୍ତି, ବନ୍ଦ ହେଲା ୪୮ ରିସୋର୍ଟ ଏବଂ ପର୍ଯ୍ୟଟକ ସ୍ଥଳ



ନୂଆଦିଲ୍ଲୀ : ଜମ୍ମୁକଶ୍ମୀରରେ ପୁଣି ଆତଙ୍କବାଦୀ ଆକ୍ରମଣ ଆଶଙ୍କା। ଗୁଇନ୍ଦା ସଂସ୍ଥାଗୁଡ଼ିକର ଚେତାବନୀ ପରେ ୪୮ଟି ରିସୋର୍ଟ ଓ ପର୍ଯ୍ୟଟନସ୍ଥଳୀ ବନ୍ଦ କରିଦିଆଯାଇଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ସୁରକ୍ଷା ଦୃଷ୍ଟିରୁ ଜମ୍ମୁକଶ୍ମୀର ସରକାର ଏହି ପଦକ୍ଷେପ ନେଇଛନ୍ତି । ପହଲଗାମ ଆକ୍ରମଣ ପରେ ଉପତ୍ୟକାରେ କିଛି ସ୍ଲିପର ସେଲ୍ ସକ୍ରିୟ ହୋଇଛି ଏବଂ ସେମାନଙ୍କୁ ଅପରେସନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୁରକ୍ଷା ବାହିନୀ ଗୁଲମାର୍ଗ, ସୋନମାର୍ଗ ଏବଂ ଡାଲ ଲେକ୍ ଅଞ୍ଚଳ ସମେତ ସମ୍ବେଦନଶୀଳ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ଜମ୍ମୁ ଓ କଶ୍ମୀର ପୋଲିସର ସ୍ୱତନ୍ତ୍ର ଅପରେସନ ଗ୍ରୁପ (ଏସଓଜି) ରୁ ଗଠିତ ଆଣ୍ଟି-ଫିଦାୟୀନ ଦଳ ମୁତୟନ କରିଛନ୍ତି। କଶ୍ମୀର ମୋଟ ୮୭ଟି ଟୁରିଷ୍ଟ ହବକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି । ବଡ଼ଗାମ ଓ ଅନନ୍ତନାଗରେ ଏକାଧିକ ପର୍ଯ୍ୟଟନ ସ୍ଥଳୀକୁ ବନ୍ଦ କରିଦିଆଯାଇଛି । ଜମ୍ମୁକଶ୍ମୀରର ସ୍ଥାନୀୟ ବାସିନ୍ଦା ପର୍ଯ୍ୟଟନରୁ ରୋଜଗାର କରିଥାଆନ୍ତି । ତେବେ ଆତଙ୍କବାଦୀ ଆକ୍ରମଣ ପରେ ପର୍ଯ୍ୟଟନ ଶିଳ୍ପ ବିଶେଷ ଭାବେ ପ୍ରଭାବିତ ହୋଇଛି । ସୂଚନାଯୋଗ୍ୟ, ୨୨ ଏପ୍ରିଲରେ, ପାକିସ୍ତାନରୁ ଆସିଥିବା ଆତଙ୍କବାଦୀଙ୍କର ଏକ ଗ୍ରୁପ କାଶ୍ମୀର ପହଲଗାମର ବୈସରଣ ଉପତ୍ୟକାରେ ବୁଲୁଥିବା ପର୍ଯ୍ୟଟକମାନଙ୍କୁ ଧର୍ମ ପଚାରି ହତ୍ୟା କରିଥିଲେ। ଏଥିରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି ଆକ୍ରମଣ ପରେ ଜମ୍ମୁ-କଶ୍ମୀରରୁ ବହୁ ସଂଖ୍ୟକ ପର୍ଯ୍ୟଟକ ବୁକିଂ କ୍ୟାନସଲ କରି ଫେରି ଯାଇଥିଲେ । ତେବେ ଘଟଣାକୁ କିଛିଦିନ ବିତିବା ପରେ ପର୍ଯ୍ୟଟକମାନେ ଧୀରେ ଧୀରେ ପହଲଗାମ ସମେତ ଅନ୍ୟାନ୍ୟ ସ୍ଥାନକୁ ଫେରୁଥିଲେ । ପହଲଗାମରେ ମଧ୍ୟ ପୂର୍ବଭଳି ପର୍ଯ୍ୟଟକଙ୍କ ଗହଳିଚହଳି ନାହିଁ । ଏପରିସ୍ଥିତିରେ ସୁରକ୍ଷା ଦୃଷ୍ଟିରୁ ପର୍ଯ୍ୟଟନ ସ୍ଥଳ ଓ ରିସୋର୍ଟ ବନ୍ଦ ନେଇ ଜମ୍ମୁ କଶ୍ମୀର ସରକାରଙ୍କ ନିଷ୍ପତ୍ତି ଦ୍ୱାରା ଏବେ ଅନିଶ୍ଚିତତା ସୃଷ୍ଟି ହୋଇଛି ।

ଭୁବନେଶ୍ୱର, ବୁଧବାର,୩୦ ଏପ୍ରିଲ ୨୦୨୫
Bhubaneswar, Wednesday 30, April, 2025
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ପାନ


### ୧୨ତମ ଅଲ୍ ଓଡିଶା ସୋନି ସାଗର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଆଳି ଏକାଦଶ ଚମ୍ପିୟନ




କେନ୍ଦ୍ରାପଡା, ୨୯।୪: କେନ୍ଦ୍ରାପଡା ସହରସ୍ଥ ସାନମଙ୍ଗଳା ଗ୍ରୀସ୍ ପିଲ୍ଡଠାରେ ରାଜ୍ୟସ୍ତରୀୟ ୧୨ତମ ସୋନି ସାଗର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଆଳି ଏକାଦଶ ମଡିଆଳର ନ୍ୟାସନାଲ କ୍ରିକେଟ୍ କ୍ଲବକୁ ହରାଇ ଅଲ୍ ଓଡିଶା ସୋନି ସାଗର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଟ୍ରଫି ହାସଲ କରିଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଫାଇନାଲ ମ୍ୟାଚରେ ଆଳି ଏକାଦଶ ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୧୦୦ରନ କରିଥିଲା। ଜବାବରେ ନ୍ୟାସନାଲ କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୭ ଓଭରରେ ୮୬ ରନ କରିଥିଲା। ଫଳରେ ଆଳି ଏକାଦଶ ୧୪ରନରେ ବିଜୟୀ ହୋଇଥିଲା। ଦେବାଶିଷ ପାଟ୍ଟଶାଣୀ ମ୍ୟାନ ଅଫ ମ୍ୟାଚ ହୋଇଥିଲେ। ସେହିପରି ଆକାଶଦିପ ପୃଷ୍ଟି ମ୍ୟାନ ଅଫ ଦି ସିରିଜ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୬ଟି ଟିମ୍ ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ଦୀପୁ ଏକାଦଶ କ୍ରିକେଟ୍ କ୍ଲବ, ମା' ତାରିଣୀ ସ୍ପୋର୍ଟିଂ, ପିପିଲିର ହିନ୍ଦ ସ୍ପୋର୍ଟିଂ, ଦକ୍ଷିଣ ଏକାଦଶ, ବାବା ଏକାଦଶ, ଗୋରଖନାଥ ଏକାଦଶ, କଟକର ଟିସିସି, ଆଳି ଏକାଦଶ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲରେ ଗଣାମହଲ ବାଲାବାବା କ୍ରିକେଟ୍ କ୍ଲବକୁ ମଡିଆଳ ନ୍ୟାସନାଲ କ୍ରିକେଟ୍ କ୍ଲବ ହରାଇ ଫାଇନାଲକୁ ଉନ୍ନିତ ହୋଇଛି। ସେହିପରି ଦ୍ୱିତୀୟ ସେମିଫାଇନାଲରେ ମା' ତାରିଣୀ ସ୍ପୋର୍ଟିଂକୁ ହରାଇ ଆଳି ଏକାଦଶ ଫାଇନାଲକୁ ଉନ୍ନିତ ହୋଇଥିଲା। ଫାଇନାଲ ମ୍ୟାଚରେ ମୁରଲୀଧର ସେଠୀ ଓ ସତ୍ୟମ ମହାପାତ୍ର ଅମ୍ପାୟାର ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ବରଦାକାନ୍ତ ବରାଳଙ୍କ ନେତୃତ୍ୱରେ ଜ୍ଞାନ ରଞ୍ଜନ ଜେନା, ରାକେଶ କୁମାର ବେହେରା ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଶୁଭେନ୍ଦୁ ଦାସ ସ୍କୋରର ଭାବେ କାର୍ଯ୍ୟ କରିଥିଲେ।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୦୭ | ୦୩ | ୧୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୦୬ | ୦୪ | ୧୨ |
| ଗୁଜରାଟ ଟାଇଟନ୍ସ | ୦୯ | ୦୬ | ୦୩ | ୧୨ |
| ଦିଲ୍ଲୀ କ୍ୟାପିଟାଲ୍ | ୦୯ | ୦୬ | ୦୩ | ୧୨ |
| ପଞ୍ଜାବ କିଙ୍ଗ୍‌ସ | ୦୮ | ୦୫ | ୦୨ | ୧୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୦ | ୦୫ | ୦୫ | ୧୦ |
| କୋଲକାତା ନାଇଟ୍ ରାଇଡର୍ସ | ୦୯ | ୦୩ | ୦୫ | ୦୭ |
| ରାଜସ୍ଥାନ ରୟାଲ୍‌ସ | ୦୯ | ୦୩ | ୦୬ | ୦୬ |
| ସନରାଇଜର୍ସ ହାଇଦ୍ରାବାଦ | ୦୮ | ୦୩ | ୦୫ | ୦୬ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୦୯ | ୦୨ | ୦୭ | ୦୪ |



ରାଷ୍ଟ୍ରପତିଙ୍କ ଆବାସରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଭାରତୀୟ ହକି ଦଳର ପୂର୍ବତନ ଗୋଲ୍‌ରକ୍ଷକ ତଥା ଅଲିମ୍ପିକ୍ସ ପଦକ ବିଜେତା ପିଆର୍ ଶ୍ରୀଜେଶ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ପଦ୍ମଭୂଷଣ ପୁରସ୍କାର ଗ୍ରହଣ କରୁଛନ୍ତି।

## ଗୁଜରାଟକୁ ହରାଇଲା ରାଜସ୍ଥାନ

**ଜୟପୁର, ୨୯।୪(ଏଜେନ୍ସି):** ଜୟପୁରରେ ସୱାଇ ମାନସିଂ ଷ୍ଟାଡିୟମଠାରେ ଚାଲିଥିବା ଆଇପିଏଲ ୨୦୨୫ର ୪୭ତମ ମ୍ୟାଚରେ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରଣ ଦେଖିବାକୁ ମିଳିଛି। ଏହି ୧୪ ବର୍ଷୀୟ ବ୍ୟାଟ୍ସମ୍ୟାନଙ୍କ ବିସ୍ଫୋରକ ଶତକ ବଳରେ ରାଜସ୍ଥାନ ରୟାଲ୍ସ ଗୁଜରାଟ ଟାଇଟନ୍ସକୁ ୮ ୱିକେଟରେ ହରାଇଦେଇଛି। ବୈଭବ ୩୮ ବଲରେ ୧୦୧ ରନ କରିଥିବାବେଳେ ଯଶସ୍ୱୀ ଯଜସ୍ୱାଲ ୭୦ ରନ କରିଥିଲେ। ରିୟାନ ପରାଗ ୩୪ ରନ କରିଥିଲେ। ୨୧୦ ରନର ବିଶାଳ ଲକ୍ଷ୍ୟକୁ ରାଜସ୍ଥାନ ୧୫.୫ ଓଭରରେ ହିଁ ହାସଲ କରିନେଇଥିଲା।

ଏହି ମ୍ୟାଚରେ ରାଜସ୍ଥାନ ରୟାଲ୍ସ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଗୁଜରାଟ ପକ୍ଷରୁ ଶୁଭମନ ଗିଲ୍ ଓ ସାଇ ସୁଦର୍ଶନ ଆରମ୍ଭରୁ ଲଢୁଆ। ବ୍ୟାଟିଂ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ। ଗିଲ୍ ୮୪ ରନ କରିଥିବାବେଳେ ସୁଦର୍ଶନ ୩୯ ରନ କରିଥିଲେ। ୩ୟ ନମ୍ବରରେ ଆସିଥିବା ଜସ ବଟଲର ମଧ୍ୟ ବିସ୍ଫୋରକ ବ୍ୟାଟିଂର ପ୍ରଦର୍ଶନ କରି ମାତ୍ର ୨୬ ବଲରେ ଅପରାଜିତ ୫୦ ରନ କରିଥିଲେ। ୱାସିଂଟନ ସୁନ୍ଦର ୧୩ ରନ କରିଥିଲେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୦୯ ରନ କରିଥିଲେ। ରାଜସ୍ଥାନ ପକ୍ଷରୁ ମହିଶ ତିକସନା ୨ଟି ୱିକେଟ ନେଇଥିବାବେଳେ ଜୋଫ୍ରା ଆର୍ଚର ଓ ସଂଦୀପ ଶର୍ମା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

## ମାଳଦ୍ୱୀପ ପଳାଇଲା ହାଇଦ୍ରାବାଦ ଦଳ

ନୂଆଦିଲ୍ଲୀ, ୨୯।୪(ଏଜେନ୍ସି): ୨୦୨୫ ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦର ପ୍ରଦର୍ଶନ ବହୁତ ଖରାପ ରହିଛି। ଏହି ସିଜନରେ ସେମାନଙ୍କ ପାଇଁ ପ୍ଲେଅଫ୍ ପାଇଁ ପଥ ପ୍ରାୟ ବନ୍ଦ ହୋଇଗଲାଣି ଦଳ ଏହି ସିଜିନରେ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳିଛି।ଯେଉଁଥିରୁ କେବଳ ୩ଟିରେ ବିଜୟୀ ହୋଇଛି ୬ ପଏଣ୍ଟ ସହିତ, ସେମାନେ ପଏଣ୍ଟ ଟେବୁଲରେ ଅଷ୍ଟମ ସ୍ଥାନରେ ଅଛନ୍ତି। ହାଇଦ୍ରାବାଦର ପରବର୍ତ୍ତୀ ମ୍ୟାଚ୍ ଏବେ ମେ ୦୨ରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଅଛି।ଦଳ ତାଙ୍କର ଶେଷ ମ୍ୟାଚ୍ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଖେଳିଥିଲା, ଯେଉଁଠାରେ ସେମାନେ ୫ ୱିକେଟରେ ଜିତିଥିଲେ। ସିଏସକେ ବିପକ୍ଷରେ ବିଜୟୀ ହେବା ପରେ, ହାଇଦ୍ରାବାଦ ଦଳ ଏବେ ଛୁଟିରେ ଚାଲିଯାଇଛି। ହାଇଦ୍ରାବାଦ ଫ୍ରାଞ୍ଚାଇଜ୍ ଏହାର ସୋସିଆଲ ମିଡିଆ। ହ୍ୟାଣ୍ଡେଲରେ ଏହି ସୂଚନା ଦେଇଛି ସନରାଇଜର୍ସ ହାଇଦ୍ରାବାଦ ଦଳ ଭାରତର ପଡ଼ୋଶୀ ଦେଶ ମାଳଦ୍ୱୀପ ଯାଇଛି ଦଳର ଦୁଇଟି ମ୍ୟାଚ୍ ମଧ୍ୟରେ ଗୋଟିଏ ସପ୍ତାହର ବ୍ୟବଧାନ ଅଛି। ୨୫ ଏପ୍ରିଲ ପରେ, ଦଳକୁ ଏବେ ଏହାର ପରବର୍ତ୍ତୀ ମ୍ୟାଚ୍ ୨ ମଇରେ ଖେଳିବାକୁ ପଡିବ ପରବର୍ତ୍ତୀ ମ୍ୟାଚ୍‌ରେ ପ୍ୟାଟ୍ କମିନ୍ସଙ୍କ ଦଳ ଗୁଜରାଟ ଟାଇଟାନ୍ସ ସହିତ ମୁକାବିଲା କରିବ। ଏହି ମ୍ୟାଚ୍ ଗୁଜୁରାଟର ହୋମ ଗ୍ରାଉଣ୍ଡ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ।

## ୨୦୨୮ ସିଜନରେ ହେବ ୯୪ ମ୍ୟାଚ୍

ନୂଆଦିଲ୍ଲୀ, ୨୮।୪: ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ୮୪ ମ୍ୟାଚ୍ ଖେଳାଯିବାର ଯୋଜନା ଥିଲା। କିନ୍ତୁ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଓ ବ୍ରଡ୍‌କାଷ୍ଟରମାନେ ଅତ୍ୟଧିକ ଡବଲ ହେଡର ମ୍ୟାଚ୍ ଚାହୁଁ ନ ଥିବାରୁ ଚଳିତ ଆଇପିଏଲ୍‌ରେ ମ୍ୟାଚ୍ ସଂଖ୍ୟାକୁ ବୃଦ୍ଧି କରାଯାଇ ନ ଥିଲା। ହେଲେ ଟୁର୍ନାମେଣ୍ଟର ମ୍ୟାଚ୍ ସଂଖ୍ୟାକୁ ଭବିଷ୍ୟତରେ ବୃଦ୍ଧି କରିବାକୁ ଯୋଜନା ରଖାଯାଇଛି। ଫ୍ୟୁଚର ଟୁର୍‌ସ ପ୍ରୋଗ୍ରାମ(ଏଫ୍‌ଟିପି)ରେ ଆଇପିଏଲ୍ ଲାଗି ମାର୍ଚ୍ଚ ମଧ୍ୟରୁ ମେ ଶେଷପର୍ଯ୍ୟନ୍ତ ସ୍ଲଟ୍ ଧାର୍ଯ୍ୟ କରାଯାଇଛି।ଚେୟାରମ୍ୟାନ ଅରୁଣ ଧୂମଲ କହିଛନ୍ତି ଯେ, ୨୦୨୮ରୁ ଆରମ୍ଭ ହେବାକୁ ଥିବା ପରବର୍ତ୍ତୀ ମିଡିଆ। ରାଇଟ୍ସ ସାଇକେଲରେ ବିସିସିଆଇ ଗୁରୁତର ସହ ଟୁର୍ନାମେଣ୍ଟକୁ ବିସ୍ତାର କରିବା ସମ୍ପର୍କରେ ଚିନ୍ତା କରିବ। ଆମେ ଏ ସମ୍ପର୍କରେ ଆଇସିସି ସହିତ ଆଲୋଚନା କରୁଛୁ। ଦ୍ୱିପାକ୍ଷୀକ ସିରିଜ ଓ ଆଇସିସି ଇଭେଣ୍ଟ ପ୍ରତି ପ୍ରଶଂସକଙ୍କ ଆଗ୍ରହ ହ୍ରାସ ପାଉଥିବାରୁ ଆମକୁ ଏ ସମ୍ପର୍କରେ ଅଧିକ ଗୁରୁତର ସହ ବିଚାର କରିବାର ଆବଶ୍ୟକତା ରହିଛି। ଆମକୁ ବର୍ତ୍ତମାନ ମିଳୁଥିବା ସ୍ଲଟଠାରୁ ବଡ଼ ସ୍ଲଟର ଆବଶ୍ୟକତା ପଡ଼ିପାରେ। ଟୁର୍ନାମେଣ୍ଟର ମ୍ୟାଚ୍ ସଂଖ୍ୟା ୭୪ରୁ ୯୪କୁ ବୃଦ୍ଧି କରାଯାଇପାରେ। ଯାହା ଫଳରେ ପ୍ରତ୍ୟେକ ଦଳ ପ୍ରତ୍ୟେକ ଦଳ ବିପକ୍ଷରେ ହୋମ ଆଣ୍ଡ ଆୱେ ଫର୍ମାଟରେ ଖେଳିପାରିବେ।

## ଆଫ୍ରିଦିଙ୍କୁ ଜବାବ ଦେଲେ ଧୱନ ଓ କାନେରିଆ



ନୂଆଦିଲ୍ଲୀ, ୨୯।୪(ଏଜେନ୍ସି): ଦେଶର ଉନ୍ନତିରେ ଧ୍ୟାନ ଦିଅ, ଆଉ କେତେ ତଳକୁ ଖସିବ ? ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଅଫ୍ରିଦି ଭାରତୀୟ ସେନା ବିଷୟରେ ଅପ୍ରୀତିକର ମନ୍ତବ୍ୟ ଦେବାର ଗୋଟିଏ ଦିନ ପରେ, ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧୱନ ତାଙ୍କୁ ଏଭଳି ଜବାବ ଦେଇଛନ୍ତି।ଏପ୍ରିଲ ୨୨ ତାରିଖରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ବିବାଦୀୟ ବୟାନ ଦେଇଥିଲେ ଅଫ୍ରିଦି। ୨୭ ଟେଷ୍ଟ, ୩୯୮ ଦିନିକିଆ। ଏବଂ ୯୯ ଟି-୨୦ ଖେଳିଥିବା ଅଭିଜ୍ଞ ଅଫ୍ରିଦି ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଭାରତୀୟ ସେନା ଏବଂ ଗଣମାଧ୍ୟମର କାମକୁ ଉପହାସ କରିଥିଲେ।

ଧୱନ ତାଙ୍କୁ କଡ଼ା ଜବାବ ଦେଇ ଏକ୍ସରେ ପୋଷ୍ଟ କରିଛନ୍ତି ଯେ, ଆମେ ତୁମକୁ କାରଗିଲରେ ପରାସ୍ତ କରିଥିଲୁ। ତୁମେମାନେ ଏତେ ତଳକୁ ଖସିଯାଇଛ, ଆଉ କେତେ ତଳକୁ ଯିବ ? ମନ୍ତବ୍ୟ ଦେବା ପରିବର୍ତ୍ତେ, ନିଜ ଦେଶର ଅବସ୍ଥା ସୁଧାରିବା ଉପରେ ଧ୍ୟାନ ଦିଅ ଆମେ ଆମ ସେନା ଉପରେ ଗର୍ବିତ।

ସେହିପରି ପାକିସ୍ତାନର ପୂର୍ବତନ କ୍ରିକେଟର ଦାନିଶ କାନେରିଆ। ତାଙ୍କୁ ସମାଲୋଚନା କରିଛନ୍ତି। ଦାନିଶ କହିଛନ୍ତି ସେ ସବୁବେଳେ ଉଗ୍ରବାଦୀ ମାନସିକତା ସହିତ ନିଜକୁ ସାମିଲ ରଖିଛନ୍ତି। ମୋ ମତରେ, ତାଙ୍କୁ ଭାରତୀୟ ଟେଲିଭିଜନରେ କିମ୍ବା ଭାରତରେ କୌଣସି ମଞ୍ଚ ପାଇଁ ସୁଯୋଗ ଦିଆଯିବା ଉଚିତ ନୁହେଁ। ସେ ମୋତେ ଇସଲାମ ଧର୍ମ ଗ୍ରହଣ କରିବାକୁ ପ୍ରବର୍ତ୍ତାଇବାକୁ ଚେଷ୍ଟା କରିଥିଲେ ଏବଂ ମୋ ସହିତ ଖାଇବାକୁ ବ ମନା କରି ଦେଇଥିଲେ ମୋତେ ଖୁବ୍ ଅପମାନ ଲାଗିଥିଲା।

ଉଲ୍ଲେଖଯୋଗ୍ୟ, ଅଫ୍ରିଦି ଏକ ଟିଭି ସାକ୍ଷାତକାରରେ ଯୋଗ ଦେଇ ଲେଖିଥିଲେ, କଶ୍ମୀରରେ ତୁମର ୮,୦୦,୦୦୦ ସଶକ୍ତ ସେନା ମୁତୟନ ଅଛି ବୋଲି ଦାବି କରୁଛି ହେଲେ ଏହା ସତ୍ତ୍ୱେ ବି ଏହି ଆକ୍ରମଣ ଘଟିଛି ଯଦି ତୁମେ ନିଜ ଲୋକମାନଙ୍କୁ ସୁରକ୍ଷା ଯୋଗାଇ ପାରୁନାହଁ, ତେବେ ତୁମେ ଅଯୋଗ୍ୟ ଏହା ଆଶ୍ଚର୍ଯ୍ୟଜନକ ଯେ, ଆକ୍ରମଣର ଗୋଟିଏ ଘଣ୍ଟା ମଧ୍ୟରେ ସେମାନଙ୍କର ଗଣମାଧ୍ୟମ ବଲିଉଡରେ ପରିଣତ ହୋଇଗଲା ମୁଁ ପ୍ରକୃତରେ ସେମାନଙ୍କ କଥାବାର୍ତ୍ତା କରିବାର ଶୈଳୀକୁ ଉପଭୋଗ କରୁଥିଲି।

# ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନରେ ସମସ୍ତେ ଫିଦା

## ପ୍ରଶଂସା କଲେ ସଚିନ

ବିସ୍ଫୋରକ ଶତକ ମାରି ଗୁଜରାଟ ଟାଇଟାନ୍ସକୁ ମାଟି କାମୁଡିବାକୁ ବାଧ କରିଥିଲେ ବୈଭବ ସୂର୍ଯ୍ୟବଂଶୀ। ତେବେ ବୈଭବଙ୍କ ଖେଳରେ ଫିଦା ହୋଇଯାଇଛନ୍ତି ଅନେକ ଦିଗ୍ଗଜ କ୍ରିକେଟର। ଖାସ୍ କରି ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ମଧ୍ୟ ବୈଭବଙ୍କ ଏହି ଚମତ୍କାର ଇନିଂସକୁ ପ୍ରଶଂସା କରିଛନ୍ତି।ମହାନ ବ୍ୟାଟସମ୍ୟାନ ସଚିନ ତେନ୍ଦୁଲକର ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଶଂସା କରିବାରୁ ନିଜକୁ ରୋକିପାରିଲେ ନାହିଁ। ବୈଭବଙ୍କ ଇନିଂସର ଭିଡିଓ ସେୟାର



କରିବା ସମୟରେ ସେ ତାଙ୍କ ସୋସିଆଲ ମିଡିଆ। ହ୍ୟାଣ୍ଡେଲରେ ଲେଖିଛନ୍ତି, ବୈଭବଙ୍କ ନିର୍ଭୀକ ଆଭିମୁଖ୍ୟ, ବ୍ୟାଟ୍ ଗତି, ବଲ୍ ର ଲେନ୍ଥକୁ ଶୀଘ୍ର ବୁଝିବାର କ୍ଷମତା ରହିଛି।ବଲ୍ ର ଶକ୍ତି ସ୍ଥାନାନ୍ତର କରିବାର କ୍ଷମତା ହେଉଛି।ତାଙ୍କ ଚମତ୍କାର ଇନିଂସର ରହସ୍ୟ ଶେଷରେ, ଫଳାଫଳ ୩୫ବଲ୍ ରେ ୧୦୧ ମହାନ ପାଳି ଖେଳିଥିଲେ।

## ଗିଲ୍‌ଙ୍କ ଉପରେ ରାଗିଗଲେ ଜାଡେଜା

ନୂଆଦିଲ୍ଲୀ, ୨୯।୪: ଗତକାଲି ବୈଭବ ସୂର୍ଯ୍ୟବଂଶୀଙ୍କଠାରୁ ନିର୍ଦ୍ଦମ ପ୍ରହାର ପରେ ଗୁଜରାଟ ଦଳର ପରାଜୟରେ ନିରାଶ ଦେଖାଯାଉଥିବା ଗୁଜରାଟ ଟାଇଟାନ୍ସ ଅଧିନାୟକ ଶୁଭମନ ଗିଲ୍ ରଖିଥିଲେ ପ୍ରତିକ୍ରିୟା। ରାଜସ୍ଥାନ ରୟାଲ୍ସର ଓପନର ବୈଭବ ସୂର୍ଯ୍ୟବଂଶୀଙ୍କ ଇନିଂସ ବିଷୟରେ ବଖାଣିଥିଲେ ଗିଲ୍ ହେଲେ ପୂର୍ବତନ ଭାରତୀୟ କ୍ରିକେଟର ଅଜୟ ଜାଡେଜାଙ୍କୁ ଏକଥା ସହଜରେ ହଜମ ହୋଇନଥିଲା। ସେ ଜିଟି କ୍ୟାପଟେନଙ୍କୁ ଅନେକ କିଛି କହିଛନ୍ତି।

ରାଜସ୍ଥାନ ରୟାଲ୍ସ ବିପକ୍ଷରେ ପରାଜୟ ପରେ, ଜିଟି ଅଧିନାୟକ ଶୁଭମନ ଗିଲ କହିଥିଲେ ଯେ ଏହା ବୈଭବ ସୂର୍ଯ୍ୟବଂଶୀଙ୍କ ଦିନ ଥିଲା। ସେ ଯେଉଁଭଳି ଭାବରେ ସଟ୍ ମାରୁଥିଲେ ତାହା ଦେଖିବା ଆଶ୍ଚର୍ଯ୍ୟଜନକ ଥିଲା। ତାଙ୍କ ଦିନ ଥିଲା ସେ,ଏହାର ଫୁଲ୍ ଉପଯୋଗ କଲେ। ଗିଲ୍ ଆହୁରି କହିଛନ୍ତି ଯେ ପାୱାର ପ୍ଲେରେ ହିଁ ର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନମାନେ ଆମଠାରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଆମେ ଆହୁରି ଭଲ କରିପାରିଥାନ୍ତୁ, କିନ୍ତୁ କରିପାରିଲୁ ନାହିଁ।

ଯାହା ପୂର୍ବତନ ଭାରତୀୟ କ୍ରିକେଟର ଅଜୟ ଜାଡେଜାଙ୍କୁ ଠିକ୍ ଲାଗିନଥିଲା ସେ କହିଛନ୍ତି ଯେ ବୈଭବଙ୍କ ଏହି ଚମତ୍କାର ଇନିଂସକୁ ଭାଗ୍ୟବାନ ଦିନ କହିବା ଠିକ୍ ନୁହେଁ ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନ ବହୁତ ଭଲ ଥିଲା। ସେ ସାରା ପଡ଼ିଆରେ ଭଲ ସଟ୍ ଖେଳିଥିଲେ। ତାଙ୍କର ପ୍ରତିଭାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଆମେ ଏପରି ଖେଳାଳିମାନଙ୍କୁ ସମ୍ମାନ ଦେବା ଉଚିତ।

## ନୀତିଶ ଦେଲେ ୧୦ ଲକ୍ଷ

ରାଜସ୍ଥାନ ରୟାଲ୍ସ ଆବିଷ୍କାର, ବିହାରର ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ସୋମବାର ଇତିହାସ ରଚିଛନ୍ତି। ସେ ଆଇପିଏଲରେ ଶତକ ମାରିବାରେ ସବୁଠାରୁ କମ ବୟସ୍କ କ୍ରିକେଟର ହୋଇଥିଲେ। ସୂର୍ଯ୍ୟବଂଶୀ ଗୁଜରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚ୍‌ରେ ୩୫ ବଲ୍‌ରେ ତାଙ୍କର ଶତକ ପୂରଣ କରିଥିଲେ ଯେଉଁଥିରେ ସେ ୧୧ ଟି ଛକା ଏବଂ ୭ଟି ଚୌକା ମାରିଥିଲେ। ତେବେ ତାଙ୍କ ଖେଳ ଦେଖି ଖୁସିପ୍ରକଟ କରିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ତାଙ୍କ ଐତିହାସିକ ରେକର୍ଡ ପାଇଁ ସୂର୍ଯ୍ୟବଂଶୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ବୈଭବଙ୍କ ସହ ଫୋନ୍‌ରେ ମଧ୍ୟ କଥା ହୋଇଥିଲେ। ବୈଭବଙ୍କ ଇନିଂସ ଦେଖି ସେ ବହୁତ ଖୁସି ରାଜ୍ୟ ସରକାର ବୈଭବଙ୍କୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ଦେବେ।

# ପିଲାବେଳୁ ବୈଭବଙ୍କ ପ୍ରତିଭା ବୁଝିସାରିଥିଲେ ବାପା

ନୂଆଦିଲ୍ଲୀ, ୨୯।୪(ମହାଭାରତ): :କ୍ରିକେଟର ନୂତନ ଯୁବ ତାରକା ଭାବରେ ଉଭା ହୋଇଥିବା ବୈଭବ ସୂର୍ଯ୍ୟବଂଶୀ ନିଜର ଦମଦାର ଶତକ ସହିତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକରଙ୍କଠାରୁ ରାହୁଲ ଦ୍ରାବିଡଙ୍କ ପର୍ଯ୍ୟନ୍ତ, ସମସ୍ତେ ତାଙ୍କ ପ୍ରତିଭା ଦେଖି ଆଶ୍ଚର୍ଯ୍ୟ। ରାଜସ୍ଥାନ ରୟାଲ୍ସ ପାଇଁ ଖେଳି ବୈଭବ ୩୫ ବଲରେ ଶତକ ହାସଲ କରିଥିଲେ

ମାତ୍ର ୧୪ ବର୍ଷ ବୟସରେ, ବୈଭବ ତାଙ୍କ ନାମରେ ଅନେକ ରେକର୍ଡ କରିଥିଲେ। ଆଇପିଏଲ ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ ବୈଭବଙ୍କ ନାମରେ ହୋଇଛି। ତାଙ୍କ ଆଗରେ ଅଛନ୍ତି ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟର କ୍ରିସ ଗେଲ, ଯିଏ ୨୦୧୩ରେ ମାତ୍ର ୩୦ ବଲରେ ଶତକ ହାସଲ କରିଥିଲେ। ଏହି ତାଲିକାରେ ୟୁସୁଫ ପଠାନ ତୃତୀୟ ସ୍ଥାନରେ ଅଛନ୍ତି ଯିଏ ରାଜସ୍ଥାନ ରୟାଲ୍ସ ପାଇଁ ୩୭ ବଲ୍‌ରେ ଶତକ ହାସଲ କରିଥିଲେ।

ବୈଭବ ସୁରଚବଂଶୀଙ୍କ କ୍ରିକେଟ ପ୍ରତିଭା ତାଙ୍କ ପିଲାଦିନରୁ ହିଁ ସ୍ପଷ୍ଟ ଥିଲା। ତାଙ୍କ ବାପା ତାଙ୍କୁ ଭାରତର ଅନ୍ତର୍ଜାତୀୟ ମ୍ୟାଚ ଏବଂ ମ୍ୟାଚ ଦେଖାଉଥିଲେ। ବିହାରର ସମସ୍ତିପୁରର ବାସିନ୍ଦା ବୈଭବ ସୂର୍ଯ୍ୟବଂଶୀଙ୍କୁ ତାଙ୍କ ବାପା ପିଲାଦିନେ ଆଇପିଏଲ ଦେଖାଇବା ପାଇଁ କ୍ରିକେଟ ଷ୍ଟାଡିୟମକୁ ନେଇଯାଉଥିଲେ। ୨୦୧୭ ମସିହାର ବୈଭବ ସୂର୍ଯ୍ୟବଂଶୀଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ତାଙ୍କ ବାପା ତାଙ୍କୁ କାଖରେ ଧରି ଏକ ମ୍ୟାଚ ଦେଖିବାକୁ ନେଉଥିଲେ। ଏହି ଫଟୋରେ ବୈଭବ ପୁନେ ସୁପର ଜାଏଣ୍ଟସକୁ ଚିୟର କରିବାକୁ ପହଞ୍ଚିଥିଲେ।



ବୈଭବଙ୍କ ବାପା ତାଙ୍କ ଭିତରେ କ୍ରିକେଟ ପ୍ରତି ଆଗ୍ରହ ଏବଂ ପ୍ରତିଭା ଦେଖିସାରିଥିଲେ ଏବଂ ବୁଝିସାରିଥିଲେ ୧୦ ବର୍ଷ ବୟସରେ, ସେ କ୍ରିକେଟର ଜଟିଳତାକୁ ବୁଝିବା ଆରମ୍ଭ କରିଥିଲେ ଏବଂ ଜୋରଦାର ମ୍ୟାଚ ଅଭ୍ୟାସ କରୁଥିଲେ ସେ ଘଣ୍ଟା ଘଣ୍ଟା ନେଟରେ ଝାଳ ବୁହାଉଥିଲେ। ଏହାର ପରିଣାମ ସ୍ୱରୂପ ମାତ୍ର ୧୪ ବର୍ଷ ବୟସରେ ସେ ଆଇପିଏଲ ଦଳରେ ମନୋନୀତ ହୋଇଥିଲେ। ବୈଭବଙ୍କ ପ୍ରତିଭାକୁ ପୂର୍ବତନ କ୍ରିକେଟର ରାହୁଲ ଦ୍ରାବିଡ ଭଲ ଭାବରେ ଚିହ୍ନିପାରିଥିଲେ ଏବଂ ତାଙ୍କୁ ରାଜସ୍ଥାନ ଦଳ ପାଇଁ ଚୟନ କରାଯାଇଥିଲା ଦ୍ରାବିଡଙ୍କ ଏହି ପରୀକ୍ଷଣ ଆଇପିଏଲରେ ଠିକ ପ୍ରମାଣିତ ହେଉଥିବା ପରି ମନେ ହେଉଛି। ଆଇପିଏଲ-୨୦୨୫ କ୍ରିକେଟ ଜଗତକୁ ଏକ ଉଦୀୟମାନ ତାରା ଦେଇଛି।

ନୂଆଦିଲ୍ଲୀ, ୨୯୪: ବୈଭବ ସୂର୍ଯ୍ୟବଂଶୀଙ୍କୁ ୧୦ ବର୍ଷ ବୟସ ହୋଇଥିବାବେଳେ, ପିତା ସଞ୍ଜୀବ ନିଷ୍ପତ୍ତି ନେଇଥିଲେ, ସେ ତାଙ୍କ ପୁଅ କ୍ରିକେଟର ହେବ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସେ ନିଜ ଜମି ବିକ୍ରି କଲେ, କିନ୍ତୁ ସେ ଜାଣି ନ ଥିଲେ ଯେ ତିନି ବର୍ଷ ମଧ୍ୟରେ ତାଙ୍କ ପୁଅ ତାଙ୍କ ସ୍ୱପ୍ନକୁ ପୂରଣ କରିବେ।

ସାମସ୍ତିପୁରଠାରୁ ୧୫ କିଲୋମିଟର ଦୂରରେ ଥିବା ମୋତିପୁର ଗ୍ରାମରେ ରହୁଥିବା ସଞ୍ଜୀବଙ୍କ ପୁଅକୁ ରାଜସ୍ଥାନ କିଣିବା ପରେ ସେ ଭାବପ୍ରବଣ ହୋଇପଡିଥିଲେ।ସେ କହିଥିଲେ, ବୈଭବ ଆଉ ତାଙ୍କ ପୁଅ ନୁହଁନ୍ତି ବରଂ ସମଗ୍ର ବିହାରର ପୁଅ ସଞ୍ଜୀବଙ୍କ ଅନୁଯାୟୀ ତାଙ୍କ ପୁଅ ଆଠ ବର୍ଷ ବୟସରେ କଠିନ ପରିଶ୍ରମ କରିଥିଲେ ଏବଂ ଜିଲାର ୧୬ ବର୍ଷରୁ କମ ଟ୍ରାଏଲରେ ସଫଳତା ହାସଲ କରିଥିଲେ। ସେ କୋଚିଂ ପାଇଁ ପୁଅକୁ ସାମସ୍ତିପୁରକୁ ନେଇଗଲେ, କିନ୍ତୁ ତାଙ୍କୁ ଫେରିବାକୁ ପଡିଲା ଏହା ପରେ ସେ ତାଙ୍କର ଜମି ବିକ୍ରୟ କଲେ।

ସଞ୍ଜୀବ କହିଛନ୍ତି, ଏପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିନାହିଁ ବୈଭବଙ୍କ ବୟସ ସହ ଜଡିତ ବିବାଦ ଉପରେ ସଞ୍ଜୀବ କହିଛନ୍ତି, ଯେତେବେଳେ ତାଙ୍କୁ ସାଢେ ୮ ବର୍ଷ ହୋଇଥିଲା, ସେତେବେଳେ ତାଙ୍କର ହାଡ଼ ବିସିସିଆଇ ଦ୍ୱାରା ପରୀକ୍ଷା କରାଯାଇଥିଲା।ଏ ବିଷୟରେ ମୁଁ କାହାକୁ ଭୟ ନାହିଁ ଆମେ ସବୁକିଛି ପରୀକ୍ଷା ପାଇଁ ପ୍ରସ୍ତୁତ ଅଛୁ। ବୈଭବଙ୍କ ବୟସ ୧୫ ବର୍ଷ ବୋଲି କୁହାଯାଏ।

ଆଇପିଏଲ ନିଲାମରେ ବୈଭବଙ୍କୁ ରାଜସ୍ଥାନ ରୟାଲ୍ସ ୧.୧ କୋଟି ଟଙ୍କାରେ କିଣିଥିଲା। ଏହି ଖେଳାଳିଙ୍କ ମୂଳ ମୂଲ୍ୟ ୩୦ ଲକ୍ଷ ଟଙ୍କା ଥିଲା ଏବଂ ସେ ତାଙ୍କ ମୂଳ ମୂଲ୍ୟଠାରୁ ପ୍ରାୟ ଚାରି ଗୁଣ ଅଧିକ ବିକ୍ରି ହୋଇଥିଲେ। ସେ ଆଇପିଏଲ ନିଲାମ ଇତିହାସରେ ବିକ୍ରି ହୋଇଥିବା ସର୍ବକନିଷ୍ଠ ଖେଳାଳି ହୋଇଥିଲେ। କେବଳ ୧୩ ବର୍ଷ ୨୪୨ ଦିନ ବୟସରେ ଆଇପିଏଲ ନିଲାମ ପାଇଁ ସର୍ଟଲିଷ୍ଟ ହୋଇଥିବା ସର୍ବକନିଷ୍ଠ ଖେଳାଳି ଭାବରେ ବିହାରର ବୈଭବ ଇତିହାସ ସୃଷ୍ଟି କରିଥିଲେ। ଘରୋଇ ସର୍କିଟରେ ଏହି ବାମହାତୀ ବ୍ୟାଟ୍ସମ୍ୟାନ ଖୁବ କମ ବୟସରେ ନିଜ ବ୍ୟାଟ ସହିତ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଜାନୁଆରୀ ୨୦୨୪ରେ ବିହାର ପାଇଁ ପ୍ରଥମ ଶ୍ରେଣୀରେ ଡେବ୍ୟୁ କରିବା ପରେ ସେ ସେପ୍ଟେମ୍ବରରେ ଇଣ୍ଡିଆ। ଅଣ୍ଡର-୧୯ ବନାମ ଅଷ୍ଟ୍ରେଲିଆ। ଅଣ୍ଡର-୧୯ ଯୁବ ଟେଷ୍ଟ ସିରିଜରେ ଏକ ଚମତ୍କାର ଶତକ ସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ଅଣ୍ଡର -୧୯ ଏସିଆ। କପରେ। ଭାରତକୁ ପ୍ରତିନିଧି କରିବାକୁ ବୈଭବ ପ୍ରସ୍ତୁତ ଅଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ